# ଦେବମୁହୂର୍ତ୍ତ

## ପ୍ରାକ୍‌କଥନ

ବର୍ତ୍ତମାନ ସଂସାର ଘନଘୋର ପରିବର୍ତ୍ତନ ମଧ୍ୟରେ ଗତି କରୁଅଛି । ଏହା ପୃଥ୍ୱୀ ବିବର୍ତ୍ତନର ଏକ ଘୋର ସନ୍ଧିକ୍ଷଣ ଅବସ୍ଥା । ଏହା ସତ୍ତ୍ୱେ ସାଧାରଣ ମାନୁଷୀ ଦୃଷ୍ଟିର ଅନ୍ତରାଳରେ ଏକ ବିରାଟ ମହତୀ ଭାଗବତୀ ଚେତନା କ୍ରିୟାଶୀଳ । ଯାହାର କୃପା ଓ ସ୍ପର୍ଶ ଲାଭ କରି ଏ ସୃଷ୍ଟି ଏକ ବିଶାଳ ବ୍ୟାପକ ଆଲୋକମୟ ସ୍ତରକୁ ଉଠି ଚାଲିଛି । ଅର୍ଥାତ୍ ଏବେ ସମଗ୍ର ମଣିଷ ସମାଜ ଏକ ଅପୂର୍ବ ଅଦ୍ଭୁତ ମାହେନ୍ଦ୍ର ବେଳା ମଧ୍ୟ ଦେଇ ଗତି କରୁଛି । ଏହି ପ୍ରସଙ୍ଗକୁ ଲେଖକ ଉପଲବ୍ଧି କରି ଏହାର ସଦ୍‌ବ୍ୟବହାର କିପରି କରିବାକୁ ହେବ ତାହା ସେ ଏହି କ୍ଷୁଦ୍ର ପୁସ୍ତିକାଟିରେ ପ୍ରକାଶ କରିଛନ୍ତି । ଏତଦ୍ୱାରା ମଣିଷ ସମାଜ ବହୁ ସଂଖ୍ୟାରେ ଏହି ଦେବମୁହୂର୍ତ୍ତ ସମ୍ବନ୍ଧରେ ସଚେତନ ହେବେ ଏବଂ ଏହାର ସଦ୍‌ବ୍ୟୟ କରିବେ ବୋଲି ଆଶା ।

# ଦେବମୁହୂର୍ତ୍ତ

## ଲକ୍ଷ୍ୟ, ପାଠଚକ୍ର ଓ ମହିଳା ପାଠଚକ୍ର

ପୃଥିବୀକୁ ଦେବମୁହୂର୍ତ୍ତ ଆସିଛି । ଏହା ଗୋଟିଏ ସୁବର୍ଣ୍ଣ ସୁଯୋଗ । ବର୍ତ୍ତମାନ ଏହା ମନୁଷ୍ୟ ସମ୍ମୁଖରେ ଉପସ୍ଥିତ ହୋଇଅଛି । ମନୁଷ୍ୟ ସଚେତ ହୋଇ ଦେବମୁହୂର୍ତ୍ତର ସଦୁପଯୋଗ କରିପାରିଲେ ଜୀବନ ସାର୍ଥକ ହେବ । ଚିରଦିନ ଦିବ୍ୟ ଆନନ୍ଦ, ଦିବ୍ୟଶକ୍ତି ଓ ଦିବ୍ୟଜ୍ଞାନରେ ନିବାସ କରିବ । ସଂସାରରେ ସମସ୍ତ ପ୍ରକାର ଉପଯୋଗୀ ଉତ୍ତମ କର୍ମ – ପଢ଼ିବା, ଚାକିରି କରିବା, ବ୍ୟବସାୟ କରିବା, ଦେଶସେବାଦି ସମସ୍ତ କର୍ମରେ ଉନ୍ନତି କରିବା ଏବଂ ଶୃଙ୍ଖଳାର ସହିତ ନିଜର ଏବଂ ଦେଶର ଉନ୍ନତି ସକାଶେ ଦକ୍ଷତା ସହିତ କର୍ମ କରି ପାରିବ । ପରିବାରରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ମନ, ପ୍ରାଣ, ଶରୀର, ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାକୁ ଆରମ୍ଭ କରିବ । ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟରୁ ସଂପୂର୍ଣ୍ଣ ମୁକ୍ତ ଓ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତିର ମାର୍ଗରେ ଅଗ୍ରସର ହୋଇ ପାରିବ । ଏହାହିଁ ସଂସାରର ସମସ୍ତ ବ୍ୟକ୍ତିଙ୍କର ଲକ୍ଷ୍ୟ, ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ଏବଂ ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠା କରିବା ସକାଶେ ଭଗବାନଙ୍କ ବିଧାନ ଅନୁସାରେ କ୍ରମବିକାଶ ଚାଲୁଅଛି । ଏହି ଲକ୍ଷ୍ୟସିଦ୍ଧି ସକାଶେ ଭଗବାନ୍ ଶ୍ରୀମା-ଶ୍ରୀଅରବିନ୍ଦ ମନୁଷ୍ୟ ଶରୀରରେ ସଂସାରକୁ ଆସି ନିଜ ତପସ୍ୟା ବଳରେ ଅତିମାନସ ଶକ୍ତିକୁ ଉତାରି ଆଣି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଗ୍ରହଣ କରି ଆଚରଣ କଲେ ଲକ୍ଷ୍ୟସିଦ୍ଧି କରି ପାରିବ । ବ୍ୟକ୍ତି ଏହି ସୁଯୋଗ ହରାଇଲେ ଅଥବା ଏହି ଲକ୍ଷ୍ୟ ଗ୍ରହଣ ନ କଲେ ଉପସ୍ଥିତ ଦେବମୁହୂର୍ତ୍ତରୁ ବଞ୍ଚିତ ରହିବ ।

## ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ

ଲକ୍ଷ୍ୟ ହେଉଛି ଜୀବନ ଉନ୍ନତିର ଆଧାର । ଲକ୍ଷ୍ୟବିହୀନ ବ୍ୟକ୍ତିର ଜୀବନ ମଙ୍ଗବିହୀନ ନୌକା ବା ଇଂଜିନ୍‌ବିହୀନ ଗାଡ଼ି ସଦୃଶ । ଶହେ ବର୍ଷ ପୂର୍ବେ ଅଳ୍ପ କେତେକ ଶ୍ରେଷ୍ଠ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ସମସ୍ତ ବ୍ୟକ୍ତିଙ୍କର ବିଶେଷକରି ମହିଳାମାନଙ୍କର ପଢ଼ିବାର ଲକ୍ଷ୍ୟ ନ ଥିଲା । ଲକ୍ଷ୍ୟ ନ ଥିବା ଯୋଗୁଁ ହରିଜନ ଏବଂ ସାଧାରଣ ଚାଷ କରୁଥିବା ବ୍ୟକ୍ତିମାନେ ନିଜ ନିଜ ପିଲାମାନଙ୍କୁ ବିଦ୍ୟାଶିକ୍ଷା ଦେଉ ନ ଥିଲେ । ନାରୀସମାଜରେ ତ ବିଦ୍ୟାଶିକ୍ଷାର ପ୍ରଶ୍ନ ଉଠୁ ନ ଥିଲା । ପରେ ଝିଅ, ପୁଅ, ଗରିବ, ଧନୀ, ପ୍ରତ୍ୟେକ ବ୍ୟକ୍ତି ସକାଶେ ବିଦ୍ୟା ଏକାନ୍ତ ଆବଶ୍ୟକ ଏବଂ ଶିକ୍ଷା ବିନା ଜୀବନ ଅବିକଶିତ ଓ ନିରର୍ଥକ ବୋଲି ବ୍ୟକ୍ତି ଜାଣିବାରୁ ଆଜିକାଲି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ପିଲାଙ୍କୁ ଶିକ୍ଷା ଦେବାକୁ ପ୍ରଯତ୍ନ କରୁଅଛନ୍ତି ।

ଠିକ୍ ଜୀବନର ଲକ୍ଷ୍ୟ ସେହିପରି । କ୍ରମବିକାଶ ଅନୁସାରେ ମନର ବିକାଶ ଶେଷ ହୋଇ ନ ଥିଲା । ସେହି କାରଣରୁ ଜୀବନର ଲକ୍ଷ୍ୟପ୍ରାପ୍ତିର ସମୟ ଆସି ନ ଥିଲା । ସେଥିପାଇଁ ଜୀବନର ଲକ୍ଷ୍ୟ ଜାଣିବାର ଆବଶ୍ୟକତା ନ ଥିଲା । ମନର ବିକାଶ ସମାପ୍ତ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟ-ଶରୀର ଧାରଣ କରି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ପ୍ରତିଷ୍ଠା କରିଅଛନ୍ତି । ସ୍ୱୟଂ ଆଶ୍ରମ ନିର୍ମାଣ କରି ମନୁଷ୍ୟ ଜାତି ସମ୍ମୁଖରେ ଆଦର୍ଶ ରଖି ଅଛନ୍ତି । ଏହାହିଁ ଆମ୍ଭମାନଙ୍କ ସକାଶେ ଦେବ-ମୁହୂର୍ତ୍ତ । ଆମ୍ଭେମାନେ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଆଚରଣ କଲେ ଦେବ ମୁହୂର୍ତ୍ତର ଉପଯୋଗ କରିପାରିବା । ଲକ୍ଷ୍ୟପ୍ରାପ୍ତିର ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରଚାର କାର୍ଯ୍ୟରେ ମଧ୍ୟ ସହଯୋଗ କରିପାରିବା । ଯେତେ ଅଧିକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ଆଚରଣ କରିବେ ସେହି ଅନୁପାତରେ ସଂସାରର ଦୁର୍ନୀତି, ଚୋରି, ଡକାୟତି, ହିଂସା, ଲାଞ୍ଚ, ମିଛ, ଯୁଦ୍ଧ, ବାଦବିବାଦ କ୍ରମଶଃ କମ୍ ହେବାକୁ ଲାଗିବ । ଶେଷରେ ଏହି ପୃଥିବୀ

ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି ଆଦର୍ଶ ଗ୍ରହଣ ଛଡ଼ା ସଂସାରରୁ ଦୁର୍ନୀତି ଦୂର ହେବାର, ବ୍ୟକ୍ତି ସୁଖ-ଶାନ୍ତିରେ ରହି ଉନ୍ନତ ଜୀବନ ଯାପନ କରିବାର ଅନ୍ୟ କୌଣସି ଉପାୟ ନାହିଁ । ସଂସାରରେ ଦୁର୍ନୀତି, ଦୁଃଖକଷ୍ଟ, ଅସତ୍ୟ, ଅନ୍ୟାୟର କାରଣ ହେଉଛି ମନୁଷ୍ୟର ମନ, ପ୍ରାଣ, ଶରୀରର ଗୁଣଧର୍ମ – ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି । ଏସବୁ ସାଂସାରିକ ବିଧିବିଧାନ, ନିୟମ, ପ୍ରଣାଳୀ ଦ୍ୱାରା ପରିବର୍ତ୍ତିତ ହେବ ନାହିଁ । ଏପରିକି ପୁରାତନ ଯୋଗ-ପ୍ରଣାଳୀ ଦ୍ୱାରା ମଧ୍ୟ ଏସବୁର ପରିବର୍ତ୍ତନ ସମ୍ଭବ ନୁହେଁ । ସଂସାରର ସର୍ଜନା ଦିନରୁ ସଂସାରରେ ସୁଖଶାନ୍ତି ପ୍ରତିଷ୍ଠା କରିବା ସକାଶେ ପ୍ରଚେଷ୍ଟା ହୋଇ ଆସୁଥିବା ସତ୍ତ୍ୱେ ସେସବୁର ବୃଦ୍ଧି ହେଉଅଛି, ପରିବର୍ତ୍ତନ ହେଉ ନାହିଁ । ପୁରାତନ ଯୋଗ ସବୁ ଦ୍ୱାରା ମନ, ପ୍ରାଣ, ଶରୀରର ଗୁଣଧର୍ମ ପରିବର୍ତ୍ତିତ ହେବା ସମ୍ଭବ ନ ଦେଖି, ମନ, ପ୍ରାଣ, ଶରୀରକୁ ଛାଡ଼ି ନିତ୍ୟମୁକ୍ତ ଆତ୍ମାକୁ ନେଇ ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରି ସାଧକମାନେ ଜନ୍ମ-ମରଣରୁ ମୁକ୍ତ ହେଲେ; ମାତ୍ର ସଂସାର ଠିକ୍ ପୂର୍ବପରି ଦୁଃଖକଷ୍ଟ ଭିତରେ ବୁଡ଼ି ରହିଲା ।

ପ୍ରଶ୍ନ : ଜୀବନର ଲକ୍ଷ୍ୟ କ'ଣ ? ଆମେ ତାହା ଜାଣିବା କିପରି ?

ଉତ୍ତର : ସଂସାରର ସମସ୍ତ ବ୍ୟକ୍ତି ଯାହା ଚାହାନ୍ତି, ଯେଉଁ ଚାହିଁବା କେବେ ବି ପରିବର୍ତ୍ତିତ ହୁଏ ନାହିଁ, ତାହାହିଁ ଜୀବନର ଲକ୍ଷ୍ୟ ।

ସଂସାରରେ ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସମସ୍ତ ବ୍ୟକ୍ତି ମୃତ୍ୟୁ, ରୋଗ, ଦୁଃଖକଷ୍ଟ ଚାହାନ୍ତି ନାହିଁ । ସମସ୍ତ ବ୍ୟକ୍ତି ଏଥିରୁ ମୁକ୍ତ ହେବାକୁ ଚାହିଁ ଆସୁ ଅଛନ୍ତି ଏବଂ ଚେଷ୍ଟା ମଧ୍ୟ କରି ଆସୁ ଅଛନ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ । ଏହି ଲକ୍ଷ୍ୟ ସମ୍ବନ୍ଧେ ବ୍ୟକ୍ତି ସଚେତନ ନ ହୋଇ ମଧ୍ୟ ଏଥିରୁ ମୁକ୍ତି ପାଇବା ସକାଶେ ଅଜ୍ଞାତ ଭାବେ ସମସ୍ତ ସତ୍, ଅସତ୍, ଉଚ୍ଚ, ନୀଚ କର୍ମ କରୁ ଅଛନ୍ତି ।

ବ୍ୟକ୍ତି ପଢ଼େ, ଚାକିରି କରେ, ବ୍ୟବସାୟ କରେ, ଦେଶସେବା କରେ, ସ୍ନାନ ଭୋଜନ କରେ ସୁଖଶାନ୍ତିରେ ରହିବା ସକାଶେ । ଏପରିକି ଲକ୍ଷ୍ୟ ସମ୍ବନ୍ଧେ ଅଚେତ ହୋଇ ଲକ୍ଷ୍ୟ ପ୍ରାପ୍ତିର ଯଥାର୍ଥ ଉପାୟ ନ ଜାଣି ଅଜ୍ଞାନ ଶକ୍ତିର କବଳରେ ପଡ଼ି ଭ୍ରମ ବଶତଃ ବ୍ୟକ୍ତି ଚୋରି କରେ, ଡକାୟତି କରେ, ହିଂସା କରେ – ସୁଖଶାନ୍ତିରେ ରହିବା ସକାଶେ । କିନ୍ତୁ ଲକ୍ଷ୍ୟଜ୍ଞାନ ନ ଥିବା ଯୋଗୁଁ ବ୍ୟକ୍ତି ଭ୍ରମବଶତଃ ଲକ୍ଷ୍ୟପ୍ରାପ୍ତିର ପ୍ରତିକୂଳ କର୍ମ କରେ । ସେହି ସକାଶେ ବ୍ୟକ୍ତି ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ କରି ନ ପାରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ ଭୋଗ କରୁଥାଏ । ଏହିସବୁରୁ ମୁକ୍ତ ହେବାର ସମୟ ଆସିଅଛି । ବ୍ୟକ୍ତି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସାରେ ଲକ୍ଷ୍ୟପ୍ରାପ୍ତିର ଯଥାର୍ଥ ସାଧନା – ସମର୍ପଣ, ଅଭୀପ୍ସା, ପ୍ରତିକୂଳ କର୍ମ ଓ ପ୍ରତିକୂଳ ବିଚାର ତ୍ୟାଗ କରି ମା' ଏହି ନାମଜପ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଛନ୍ତି – ଏହି ବିଶ୍ୱାସ ରଖି ସାଧନା-ମାର୍ଗରେ ଅଗ୍ରସର ହେଲେ ଲକ୍ଷ୍ୟସିଦ୍ଧି କରିପାରିବ ।

ପ୍ରଶ୍ନ : କୁହାଗଲା ଯେ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପରାର୍ଦ୍ଧରୁ ଉତାରି ଆଣି ଏହି ମୃତ୍ୟୁପୁରୀ ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଏହି ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସଂପୂର୍ଣ୍ଣ ମୁକ୍ତ ହେବ । ଏହି ମୃତ୍ୟୁପୁରୀ ଦିବ୍ୟସ୍ୱର୍ଗରେ ରୂପାନ୍ତରିତ ହେବ । ଏହାହିଁ ଦେବମୁହୂର୍ତ୍ତ । ଏହି ଦେବମୁହୂର୍ତ୍ତର କ୍ରମଶଃ ବିକାଶ ହୋଇ ସ୍ଥାୟୀଭାବେ ଚାଲିବ । ଯଦି ଏହା ସ୍ଥାୟୀଭାବେ ଚାଲିବ, ତେବେ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ନ କଲେ ମଧ୍ୟ ଏହି ଦେବମୁହୂର୍ତ୍ତରୁ ବଞ୍ଚିତ ହେବ କିପରି ? ଏ ଜନ୍ମରେ ଏହି ଯୋଗ ଗ୍ରହଣ ନ କଲେ ମଧ୍ୟ ପରଜନ୍ମରେ ତ ଗ୍ରହଣ କରିପାରିବ !

ଉତ୍ତର : ଦେବମୁହୂର୍ତ୍ତ ବଢ଼ିଚାଲିବ ଅର୍ଥାତ୍ ଅତିମାନସ ଶକ୍ତିର କ୍ରିୟା କ୍ରମଶଃ ବୃଦ୍ଧି ହୋଇ ଚାଲିଥିବ । ଏହା ସଂପୂର୍ଣ୍ଣ ସତ୍ୟ । ବର୍ତ୍ତମାନ ଏହି ସତ୍ୟକୁ ଯଦି ଆମ୍ଭେମାନେ ଗ୍ରହଣ ନ କରିବା, ତେବେ ଏହି ଯେଉଁ ଦୁଃଖକଷ୍ଟ ଭୋଗୁଅଛୁ, ତହିଁରୁ ମୁକ୍ତ ହୋଇପାରିବା ନାହିଁ । ଅତିମାନସ ଶକ୍ତି ସମ୍ମୁଖରେ ଥାଇ ମଧ୍ୟ ଆମ୍ଭେମାନେ ଦୁଃଖକଷ୍ଟରେ ଘାଣ୍ଟି ହେଉଥିବା । କ୍ଷୁଧାର୍ତ୍ତ ସମ୍ମୁଖରେ ଉତ୍ତମ ଭୋଜନ ଥିବା ସତ୍ତ୍ୱେ ସେ ତାହା ଗ୍ରହଣ ନ କରି ଦୁଇ ତିନି ଦିନ ପରେ ମିଷ୍ଟାନ୍ନ ପ୍ରାପ୍ତ ହେବ

ବୋଲି ଉପସ୍ଥିତ ଭୋଜନକୁ ତ୍ୟାଗ କରି କ୍ଷୁଧାରେ ପୀଡ଼ିତ ହୋଇ ଛଟପଟ ହେବା ସଦୃଶ ଉପସ୍ଥିତ ସତ୍ୟକୁ ଗ୍ରହଣ ନ କରି ତାକୁ ହରାଇବା ମହାନ୍ ଭୁଲ୍ ହେବ ।

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ହେଲା ଯେ ଏହି ସତ୍ୟକୁ ଜାଣିବା ମାତ୍ରେ ଗ୍ରହଣ କରିବା ଉଚିତ । କିନ୍ତୁ ଏହି ଲକ୍ଷ୍ୟପ୍ରାପ୍ତିର ଉପାୟ ବା ସାଧନା କ'ଣ ?

ଉତ୍ତର : ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି । ଏହି ଲକ୍ଷ୍ୟସିଦ୍ଧିର ସାଧନା ହେଲା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବିଚାର ଓ କର୍ମର ତ୍ୟାଗ ଏବଂ ନିରନ୍ତର 'ମା' ଏହି ନାମ ଜପ ଏବଂ କିଛି ସମୟ ନିଜର ହୃଦୟ ବା ମସ୍ତିଷ୍କର ଊର୍ଦ୍ଧ୍ୱରେ ଧ୍ୟାନ କରିବା । ମୁଁ ମା'ଙ୍କର ସନ୍ତାନ, 'ମା' ମୋ ସଙ୍ଗେ ରହି ମୋତେ ସର୍ବଦା ରକ୍ଷା କରୁଅଛନ୍ତି – ଏହି ଧାରଣା ସବୁ ସମୟରେ ରଖିବାକୁ ହେବ । ଏହାହିଁ ସାଧନା ।

ଅଭୀପ୍ସାର ଅର୍ଥ ଅନ୍ତରର ଇଚ୍ଛା । ସଂସାରୀ ବ୍ୟକ୍ତି ତା'ର ସ୍ୱାର୍ଥବସ୍ତୁ ପାଇବା ନିମିତ୍ତ ଚାହିଁବାକୁ ଇଚ୍ଛା କୁହାଯାଏ । ମାତ୍ର ଭଗବତ୍ପ୍ରାପ୍ତିର ଇଚ୍ଛା ବା ଚାହିଁବାକୁ ଅଭୀପ୍ସା କୁହାଯାଏ ।

ଅଭୀପ୍ସା କରିବାକୁ ହେବ ନିରନ୍ତର – 'ମା' ଏହି ନାମ ଜପ କରିବା ସକାଶେ, ନିଜେ ଏବଂ ନିଜର ଯାହାକିଛି ଅଛି ତାହାକୁ ପୂର୍ଣ୍ଣରୂପେ ଶ୍ରୀମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ, ପ୍ରତିକୂଳ ସମସ୍ତ କର୍ମ, ସମସ୍ତ ଚିନ୍ତା, ସମସ୍ତ ଆଚରଣ ତ୍ୟାଗ କରିବା ସକାଶେ; ମୁଁ ମା'ଙ୍କ ସନ୍ତାନ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଅଛନ୍ତି – ଏହି ଧାରଣା ସର୍ବଦା ରଖିବା ସକାଶେ ।

ସମର୍ପଣ କରିବାକୁ ହେବ ବା ଧାରଣା କରିବାକୁ ହେବ – ନିଜେ ଯାହା ଓ ନିଜର ଯାହାକିଛି ଅଛି ଯଥା : ଘର, ପରିବାର, ଧନସଂପଦ ସବୁ ମା'ଙ୍କର । ସ୍ନାନ, ଭୋଜନ, ପୁଅ-ଝିଅଙ୍କୁ ପାଳନ-ପୋଷଣ କରିବା ଆଦି ପାରିବାରିକ ସମସ୍ତ କର୍ମ ମା'ଙ୍କର ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବାକୁ ହେବ । ଆଉ ମଧ୍ୟ ଏପରି ଧାରଣା କରିବାକୁ ହେବ ଯେ ଏସବୁ ମା'ଙ୍କର । ଏହିସବୁ ସେବା ସକାଶେ ମା' ମୋତେ ନିଯୁକ୍ତ କରିଅଛନ୍ତି ।

ତ୍ୟାଗ କରିବାକୁ ହେବ ମନ, ପ୍ରାଣ, ଶରୀରର ପ୍ରତିକୂଳ ଗୁଣଧର୍ମ ଅହଂ, ସ୍ୱାର୍ଥ, ଲୋଭ, ମୋହ, କାମ, କ୍ରୋଧ, ହିଂସା, ଦ୍ୱେଷ, ବୈରବିରୋଧ ଇତ୍ୟାଦି । ସାଧନା ଆରମ୍ଭ କରିବା ସମୟରେ ଏସବୁ ରହିଥାଆନ୍ତି କିନ୍ତୁ ଧୀରେ ଧୀରେ ଏସବୁକୁ ତ୍ୟାଗ କରିବାକୁ ହୁଏ ।

ସାଧନାର ଆରମ୍ଭରୁ ଏସବୁ ବିଦ୍ୟମାନ ଥିବା ସତ୍ତ୍ୱେ, କୌଣସି ବ୍ୟକ୍ତି ପ୍ରତି ରାଗ ଆସିଲେ, ତା' ସହ ଝଗଡ଼ା ବା ରାଗ ନ କରି ମୁଖ ବନ୍ଦ କରି ରହିବା ଉଚିତ । ସେହିପରି ଅନ୍ୟାନ୍ୟ ପ୍ରତିକୂଳ ଆକ୍ରମଣ ଆସିଲେ ସେସବୁକୁ କର୍ମରେ ପରିଣତ କରିବାକୁ ଦେବାକୁ ହେବ ନାହିଁ । ଅର୍ଥାତ୍ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ ଇତ୍ୟାଦିକୁ ଏହିପରି ସାଧନାର ପ୍ରଥମାବସ୍ଥାରେ ତ୍ୟାଗ କରିବାକୁ ହେବ । ସାଧନାର ଆରମ୍ଭିକ ଅବସ୍ଥାରେ ସବୁଦୋଷ ଥାଇ ସାଧନା ଆରମ୍ଭ କରିବାକୁ ହେବ । ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ନାମ ଜପ ସହ ଚେଷ୍ଟା କଲେ ଆସ୍ତେ ଆସ୍ତେ ବାହ୍ୟ ତ୍ୟାଗ ହୋଇପାରିବ । ଏସବୁର ସଂଯମ ବା ରୂପାନ୍ତର ସକାଶେ ସମୟ ଲାଗିବ । ସାଧକ ଯେତେ ସଚେତନ ହୋଇ ନାମଜପ କରିବ ଏବଂ ''ମୁଁ ମା'ଙ୍କ ସନ୍ତାନ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷାକରୁଅଛନ୍ତି'' – ଏହି ଧାରଣା ଯେତେ ଜାଗ୍ରତ୍ ହେବ, ସେହି ଅନୁପାତରେ ବାହ୍ୟସଂଯମ ଓ ଆନ୍ତର ସଂଯମ ସାଧକ କରିପାରିବ । ଏହା ନିର୍ଭର କରିବ ନାମଜପରେ ନିଷ୍ଠା ଉପରେ ତଥା ମୁଁ ମା'ଙ୍କର, ମା' ସର୍ବଦା ମୋତେ ରକ୍ଷା କରୁଅଛନ୍ତି – ଏହି ବିଶ୍ୱାସ ଉପରେ ।

'ମା' (The Mother) ପୁସ୍ତକର ତୃତୀୟ ଅଧ୍ୟାୟ ଶେଷ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଅଛନ୍ତି :

"The more complete your faith, sincerity and surrender, the more will grace and protection be with you. And when the grace and protection of the Divine Mother are with you, what is there that can touch you or whom need you fear ? A little of it even will carry you through all difficulties, obstacles and dangers; surrounded by its full

presence you can go securely on your way because it is hers, careless of all menace, unaffected by any hostility however powerful, whether from this world or from worlds invisible. Its touch can turn difficulties into opportunities, failure into success and weakness into unfaltering strength. For the grace of the Divine Mother is the sanction of the supreme and now or tomorrow its effect is sure, a thing decreed, inevitable and irresistible."

ଅର୍ଥାତ୍, ''ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଓ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେହିଁ ଘେରି ରହିବ । ଯଦି ମା' ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧାବିପତ୍ତି ଓ ସଂକଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇ ପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ ସମୂହରେ ହେଉ, କୌଣସି ଶତ୍ରୁ ଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉନା କାହିଁକି, ତୁମକୁ ସ୍ପର୍ଶକରି ପାରିବ ନାହିଁ; କୌଣସ ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।''

'ମା' (The Mother) ବହିର ତୃତୀୟ ଅଧ୍ୟାୟର ଶେଷ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଲେ – ''ତୁମର ଶ୍ରଦ୍ଧା, ଆନ୍ତରିକତା, ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେ ଘେରି ରହିବ ।'' ଏହା ସାଧନାର ବହୁତ ଅଗ୍ରଗତିର ଅବସ୍ଥା, କିନ୍ତୁ ସାଧନାର ପ୍ରଥମ ଅବସ୍ଥାରେ ଶ୍ରଦ୍ଧା, ଆନ୍ତରିକତା, ସମର୍ପଣ ପୂର୍ଣ୍ଣ ହୋଇପାରିବ ନାହିଁ । ସାଧନାର ଆରମ୍ଭିକ ଅବସ୍ଥା ସକାଶେ ଶ୍ରୀଅରବିନ୍ଦ କହିଲେ, ସାଧକ ଯଦି ଆନ୍ତରିକତା ସହିତ ଅଳ୍ପ ସମର୍ପଣ, ଅଳ୍ପ ଶ୍ରଦ୍ଧା ରଖିପାରନ୍ତି ଅର୍ଥାତ୍ ସାଧକ ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ଯଦି ''ମୁଁ ମା'ଙ୍କର, ମା' ମୋତେ ସବୁ ବାଧା-ବିପଦରୁ ରକ୍ଷା କରି ଲକ୍ଷ୍ୟ ମାର୍ଗରେ ଅଗ୍ରସର ହେବାରେ ସାହାଯ୍ୟ କରିବେ'', ତେବେ ନିଶ୍ଚିତ ରୂପେ ମା' ରକ୍ଷା କରିବେ ଏବଂ ସାହାଯ୍ୟ କରିବେ । ଶ୍ରୀଅରିବନ୍ଦ କହିଲେ ଏହି ପାର୍ଥିବ ଜଗତରେ କୌଣସି ବ୍ୟକ୍ତି, କୌଣସି ଘଟନା, କୌଣସି ପରିସ୍ଥିତିରୁ ବାଧା ଆସୁ ଅଥବା ଅଦୃଶ୍ୟ ଜଗତରୁ ବିରୋଧୀ ଶକ୍ତି ମନ, ପ୍ରାଣ, ଶରୀରର ଗୁଣଧର୍ମକୁ ଯନ୍ତ୍ର କରି କୌଣସି ବାଧା ସୃଷ୍ଟି କରୁ, ସବୁ ବାଧା-ବିପତ୍ତିରୁ ମା' ରକ୍ଷାକରିବେ ଯେପରି ଛୋଟ ଶିଶୁକୁ ପାର୍ଥିବ ମା' ରକ୍ଷାକରେ । ସାଧକର ଚାରିପାଖରେ ମା'ଙ୍କ ରକ୍ଷା କବଚାବୃତ ସଦୃଶ ଘେରି ରହିବ ।

ମନ, ପ୍ରାଣ, ଶରୀରର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର, ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଓ ଦୁଃଖକଷ୍ଟରୁ ପୂର୍ଣ୍ଣମୁକ୍ତି, ସଂସାରରେ ଦିବ୍ୟସ୍ୱର୍ଗ ପ୍ରତିଷ୍ଠା – ଏହି କଠିନ କାର୍ଯ୍ୟ ଅତ୍ୟନ୍ତ ସହଜ ହୁଏ ସାଧନାର ଆରମ୍ଭରୁ ''ମୁଁ ମା'ଙ୍କର, ମା' ମୋତେ ସବୁ ବିପଦରୁ ରକ୍ଷା କରି ଲକ୍ଷ୍ୟ ମାର୍ଗରେ ପୂର୍ଣ୍ଣରୂପେ ସାହାଯ୍ୟ କରିବେ'' – ଏହି ବିଶ୍ୱାସ ଓ ଶ୍ରଦ୍ଧା ରଖିଲେ । ଏହା ଦ୍ୱାରା ସାଧନା ଅତ୍ୟନ୍ତ ସରଳ ହୁଏ । ଏପରି କଲେ ମା' ସବୁ ଅବସ୍ଥାରେ ରକ୍ଷା କରିବେ ।

ପ୍ରଶ୍ନ : କୁହାହେଲା ଯେ ଏହି ରୂପାନ୍ତର ଯୋଗ ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ । ଜୀବନହିଁ ଯୋଗ । ଶରୀରରୁ ରକ୍ତ ମାଂସ ଯେପରି ପୃଥକ୍ କରି ହେବ ନାହିଁ, ସେହିପରି ଜୀବନରୁ ଯୋଗକୁ ବି ପୃଥକ୍ କରି ହେବ ନାହିଁ । ଯଦି ଏହା ଯଥାର୍ଥ ହୁଏ, ତେବେ ସଂସାରର ସମସ୍ତ ବ୍ୟକ୍ତି ସାଧନା କରିବେ, କେହି ବି ବିବାହ କରିବେ ନାହିଁ । ଯୋଗସାଧନା କରିବାକୁ ହେଲେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ପଡ଼ିବ । ସନ୍ତାନ ନ ହେଲେ ସଂସାରରୁ ମନୁଷ୍ୟ ଜାତି ଲୋପ

ହୋଇଯିବ । କ୍ରମବିକାଶ ବି ଚାଲିପାରିବ ନାହିଁ । ପୁଣି ଏହାର ବିପରୀତ କଥା କୁହାଗଲା – ''ସଂସାରରେ ପଶୁ ଜାତି ଥାଇ ଯେପରି ମନୁଷ୍ୟ ଜାତି ରହିଅଛନ୍ତି, ସେହିପରି ମନୁଷ୍ୟ ଜାତି ଥାଇ ମଧ୍ୟ ଅତିମାନସ ଜାତି ପୃଥିବୀରେ ପ୍ରତିଷ୍ଠିତ ହେବେ; ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।'' ଉଭୟ ବାକ୍ୟ ଏକର ଅନ୍ୟଟି ବିପରୀତ ମନେ ହେଉଛି । ରୂପାନ୍ତରର ଯଥାର୍ଥ ରହସ୍ୟ ସ୍ୱଷ୍ଟ ଭାବେ ବୁଝାଇ ଦିଅନ୍ତୁ ।

ଉତ୍ତର : ରୂପାନ୍ତର ଯୋଗ ଯଥାର୍ଥ ଭାବେ ନ ବୁଝିବା ଯୋଗୁଁ ବିରୋଧାତ୍ମକ ମନେ ହେଉଛି । ଯଥାର୍ଥରେ ଉପରେ ଆଲୋଚନା ହୋଇଥିବା ବିଷୟ ବିରୋଧାତ୍ମକ ନୁହେଁ ।

ଯେପରି କ୍ରମବିକାଶ ଅନୁସାରେ ପ୍ରଥମରେ ମାଟି, ପଥର ଆଦି ଜଡ଼ବସ୍ତୁର ସୃଷ୍ଟି ହେଲା । ପରେ ପ୍ରାଣର ବିକାଶ ହେବାରୁ ମାଟି, ପଥର ଆଦି ଜଡ଼ବସ୍ତୁ ଥାଇ ମଧ୍ୟ ବୃକ୍ଷ-ଲତା, ପଶୁପକ୍ଷୀ ଜାତ ହେଲେ । ପୁଣି ବୃକ୍ଷଲତା, ପଶୁପକ୍ଷୀ ଥାଇ ବି ମନର ବିକାଶ ମନୁଷ୍ୟ ମଧ୍ୟରେ ହେଲା । ସେହିପରି ମନୁଷ୍ୟ ଜାତି ଥାଇ ଅତିମାନବ ଜାତି ଓ ଅତିମାନସ ଚେତନା ପୃଥିବୀରେ ପ୍ରତିଷ୍ଠିତ ହେବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

କୁହାହୋଇଛି, ''ସମସ୍ତ ବ୍ୟକ୍ତିଙ୍କର ଜୀବନହିଁ ଯୋଗ, ଯୋଗକୁ ଜୀବନରୁ ପୃଥକ୍ କରାଯାଇ ପାରିବ ନାହିଁ ।'' ଏହା ସତ୍ୟ ହେବା ସତ୍ତ୍ୱେ ସଂସାରର ସମସ୍ତ ବ୍ୟକ୍ତି ଯୋଗ ଗ୍ରହଣ ବା ଆଚରଣ କରିପାରିବେ ନାହିଁ । ଯେଉଁ ବ୍ୟକ୍ତିମାନେ ଯୋଗ ଗ୍ରହଣ କରିବେ, ସେମାନେ ସମସ୍ତେ ସମାନ ଭାବେ ତୀବ୍ରତା ସହ ଯୋଗସାଧନାର ନିୟମ ପାଳନ କରିପାରିବେ ନାହିଁ । କିଂବା ସଂସାରର ସମସ୍ତ ବ୍ୟକ୍ତି ବିବାହ ନ କରି ଗୃହ-ପରିବାର ଛାଡ଼ି ସାଧନାରେ ପ୍ରବୃତ୍ତ ହେବେ ନାହିଁ । ଏହା ଭଗବାନଙ୍କ ସୃଷ୍ଟିର ବିଧାନ ନୁହେଁ । ଯେଉଁମାନେ ଯୋଗ ଗ୍ରହଣ କରିବେ, ସେମାନେ ପରିବାରରେ ରହି ମଧ୍ୟ ସୁଖଶାନ୍ତିରେ ରହିବେ ।

''ଜୀବନହିଁ ଯୋଗ'' – ଏହି ସତ୍ୟ ସଂସାରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବ, ପ୍ରତ୍ୟେକଙ୍କ କାନରେ ପଡ଼ିବ । ଏହି ସତ୍ୟ ଜାଣିବା ବ୍ୟକ୍ତିଙ୍କ ମଧ୍ୟରେ ଯେଉଁମାନଙ୍କ ଅନ୍ତରାତ୍ମା କିଛି ଅଂଶରେ ବିକଶିତ ହୋଇଥିବ, ସେହିମାନେ ଏହି ସତ୍ୟକୁ ସମର୍ଥନ କରିବେ । ସମର୍ଥନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଅନ୍ତରାତ୍ମା କିଛି ଅଧିକ ଜାଗ୍ରତ ହୋଇଥିବ, ସେହିମାନେ ଏହି ଯୋଗକୁ ଗ୍ରହଣ କରିବେ, ଘରେ ଓ ଗ୍ରାମରେ ପାଠଚକ୍ର ପ୍ରତିଷ୍ଠିତ କରାଇବେ ଏବଂ ପାଠଚକ୍ର ପ୍ରସାର କରାଇବାକୁ ଚେଷ୍ଟା କରିବେ । ଏହିମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଅନ୍ତରାତ୍ମାର ଅତି ଅଧିକ ବିକଶିତ ହୋଇଥିବ, ସେହିମାନେ ତୀବ୍ର ଭାବେ ସାଧନାରେ ପ୍ରବୃତ୍ତ ହେବେ, ପାଠଚକ୍ରର ପ୍ରସାର କାର୍ଯ୍ୟ ଆନ୍ତରିକତା ସହ କରିବେ । ଅତିମାନସ ରୂପାନ୍ତର ଯୋଗ ସମ୍ବନ୍ଧେ ଜାଣିବା ଭାଇଭଉଣୀମାନଙ୍କ ମଧ୍ୟରୁ କେହି ଗୃହତ୍ୟାଗ କରି ତୀବ୍ର ଭାବେ ସାଧନା କରିବେ, କେହି ଗାର୍ହସ୍ଥ୍ୟାଶ୍ରମରେ ରହି ତୀବ୍ର ଭାବେ ସାଧନା କରିବେ । ଏହିପରି ତୀବ୍ରଭାବେ ସାଧନା କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଂବା ସାଧାରଣ ଭାବେ ସାଧନା କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ତରାତ୍ମାର ପ୍ରେରଣା ତଥା ଭଗବାନଙ୍କ ବିଧାନ ଅନୁସାରେ କେହି କେହି ଗୃହ-ପରିବାର ତ୍ୟାଗ କରିବେ ଏବଂ ନିଜର ଲକ୍ଷ୍ୟ ପ୍ରାପ୍ତିର ସାଧନା ମନୋଭାବରେ ଅତିମାନସ ରୂପାନ୍ତର ଯୋଗର ସନ୍ଦେଶ ପାଠଚକ୍ର ମାଧ୍ୟମରେ ଜନ୍ମଗ୍ରହଣ କରିଥିବା ଅଞ୍ଚଳ, ଜିଲ୍ଲା, ପ୍ରଦେଶ ତଥା ଭାରତ ବର୍ଷରେ ପ୍ରସାରିତ ହେବା କାର୍ଯ୍ୟରେ ନିଜକୁ ପୂର୍ଣ୍ଣରୂପେ ମା'ଙ୍କ ଚରଣରେ ସମର୍ପଣ କରିବେ । କେହି କେହି ଏହି ସତ୍ୟ ସମଗ୍ର ପୃଥିବୀରେ ପ୍ରସାରିତ ହେବାରେ କାର୍ଯ୍ୟ କରିବେ ।

ଗୃହରେ ଥାଇ ତୀବ୍ରଭାବେ ସାଧନା କରୁଥିବା ସାଧକମାନଙ୍କ ସଂଖ୍ୟା ଏବଂ ଗୃହତ୍ୟାଗ କରି ତୀବ୍ରଭାବେ ସାଧନା କରୁଥିବା ସାଧକମାନଙ୍କ ସଂଖ୍ୟା ଖୁବ୍ କମ୍ ହେବ । ସାଧନା ଆରମ୍ଭ କରୁଥିବା ସାଧକ ଏବଂ ସାଧନାରେ ବହୁତ ଅଗ୍ରସର ହେଉଥିବା ସାଧକମାନଙ୍କ ମଝିରେ ଥାଇ ସାଧନା କରୁଥିବା ସାଧକମାନଙ୍କର ସାଧନା ସ୍ତର ବହୁତ ରହିବ । କିନ୍ତୁ ସାଧନା ଆରମ୍ଭ କରୁଥିବା ସାଧକମାନଙ୍କ ସାଧନାସ୍ତର ଓ ଶେଷରେ ଥିବା ସାଧକମାନଙ୍କ ସାଧନାସ୍ତର ମଧ୍ୟରେ ପାବଚ୍ଛ ବା ଶିଡ଼ିସଦୃଶ ସମ୍ବନ୍ଧ ରହିବ । ଏହି ଯୋଗ ସାମୂହିକ ହୋଇଥିବାରୁ ପ୍ରତ୍ୟେକ ଶ୍ରେଣୀର ସାଧକମାନଙ୍କ ସାଧନା ପ୍ରତ୍ୟେକ ଶ୍ରେଣୀର ସାଧନାକୁ ସାହାଯ୍ୟ କରୁଥିବ । ସଂସାରରେ ସମସ୍ତ ବ୍ୟକ୍ତି ସାଧନା କରିବେ ନାହିଁ ।

ସାଧନା ନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ସମୟ ଅନୁସାରେ କେହି କେହି ସାଧନାରେ ପ୍ରବୃତ୍ତ ହେବେ । କିନ୍ତୁ ସାଧନା ନ କରୁଥିବା ମନୁଷ୍ୟସମାଜ ସଂସାରରେ ରହିବ । ସେମାନଙ୍କର ସନ୍ତାନ ହେଉଥିବ ।

ଭାରତବର୍ଷ ବା ପୃଥିବୀରେ ଏହି ଅତିମାନସ ସତ୍ୟର ଯେତେ ଅଧିକ ପ୍ରସାର ହେବ, ସେହି ଅନୁପାତରେ ସାଧକମାନଙ୍କ ସଂଖ୍ୟା ବୃଦ୍ଧି ହେବ । ସେମାନଙ୍କ ସଂଖ୍ୟାର ବୃଦ୍ଧି ଅନୁପାତରେ ସେମାନଙ୍କ ମଧ୍ୟରୁ ଉଚ୍ଚକୋଟିର ସାଧକ ଅଳ୍ପ ସଂଖ୍ୟାରେ ବୃଦ୍ଧ ହେଉଥିବେ । ଯେତେବେଳେ କିଛି ସାଧକଙ୍କର ପୂର୍ଣ୍ଣ ରୂପାନ୍ତର ହେବ, ସେମାନେ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି କରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଦୁଃଖକଷ୍ଟରୁ ପୂର୍ଣ୍ଣତଃ ମୁକ୍ତ ହେବେ, ସେତେବେଳେ ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠିତ ହେବ ।

ଏହି ଯୋଗ ପୁରାତନ ସମସ୍ତ ଯୋଗ ସଦୃଶ ବ୍ୟକ୍ତିଗତ ନୁହେଁ, ଅର୍ଥାତ୍ ପୁରାତନ ଯୋଗରେ ଯେଉଁମାନେ ସାଧନା କରୁଥିଲେ ସେହିମାନେ ମୁକ୍ତି ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତିକରି ଜନ୍ମ-ମରଣରୁ ନିବୃତ୍ତ ହେଉଥିଲେ । ସଂସାରରେ ଯେଉଁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ ଥିଲା, ତାହାର ବୃଦ୍ଧି ହୋଇ ଚାଲୁଥିଲା, ଏହାର ସତ୍ୟତା ବର୍ତ୍ତମାନ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ଅଛି ।

ଅତିମାନସ ରୂପାନ୍ତର ଯୋଗ ବ୍ୟକ୍ତିଗତ ନୁହେଁ, ସାମୂହିକ । ଏହି ଯୋଗକୁ ଯେତେ ଅଧିକ ବ୍ୟକ୍ତି ଜାଣିବେ, ଗ୍ରହଣ କରିବେ, ସାଧନା କରିବେ, ସେହି ଅନୁପାତରେ ପୃଥିବୀର ବାତାବରଣ ଶୁଦ୍ଧ ଓ ପବିତ୍ର ହେଉଥିବ । ପୃଥିବୀର ବାତାବରଣ ଶୁଦ୍ଧ ହେଉଥିବା ଯୋଗୁଁ, ଯେଉଁ ସାଧକମାନେ ସବୁଠାରୁ ଉଚ୍ଚକୋଟୀର ଥିବେ, ସେମାନଙ୍କ ସାଧନାରେ ସାହାଯ୍ୟ ମିଳିବ । ଉଚ୍ଚକୋଟୀର ସାଧକମାନେ ଯେତେ ସାଧନାରେ ଅଗ୍ରସର ହେଉଥିବେ, ପୃଥିବୀର ବାତାବରଣ ମଧ୍ୟ ସେହି ପରିମାଣରେ ଶୁଦ୍ଧ ହେଉଥିବ । ପୃଥିବୀର ବାତାବରଣ ପୂର୍ଣ୍ଣରୂପେ ଶୁଦ୍ଧ ହେଲେ ଏବଂ କିଛି ସାଧକଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ବର୍ତ୍ତମାନ ପୃଥିବୀରେ ଯେପରି ମାନସ ଚେତନା ପ୍ରତିଷ୍ଠିତ ହୋଇଛି, ସେହିପରି ପୃଥିବୀରେ ଅତିମାନସ ସତ୍ୟ-ଚେତନା ପ୍ରତିଷ୍ଠିତ ହେବ । ସମଗ୍ର ପୃଥିବୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଏହି ଯୋଗ ସାମୂହିକ ଏବଂ ପରସ୍ପରର ସହାୟକ ।

ପ୍ରଶ୍ନ : ଯେଉଁ ସାଧକମାନଙ୍କର ପୂର୍ଣ୍ଣ ରୂପାନ୍ତର ହେବ ସେମାନେ ଲକ୍ଷ୍ୟସିଦ୍ଧ କରି ଭଗବତ୍ ଚେତନାରେ ଭଗବତ୍ ଆନନ୍ଦରେ ନିବାସ କରିବେ । ଯେଉଁମାନେ ସାଧନା କରି ଲକ୍ଷ୍ୟପ୍ରାପ୍ତିର ମାର୍ଗରେ ଅଗ୍ରଗତି କରିବେ ସେମାନେ ସୁଖଶାନ୍ତିରେ ରହିପାରିବେ । କିନ୍ତୁ ଯେଉଁମାନେ ଗୃହସ୍ଥାଶ୍ରମରେ ରହି କୁଟୁମ୍ବ ପାଳନ-ପୋଷଣ କରିବେ, ସେମାନଙ୍କର ସନ୍ତାନ-ସନ୍ତତି ହେଉଥିବେ, ସେମାନଙ୍କ ସକାଶେ ଏହି ଦୁଃଖ-ଦ୍ୱନ୍ଦ୍ୱ ମୃତ୍ୟୁପୁରୀ ଦିବ୍ୟସ୍ୱର୍ଗ ହେବ କିପରି ?

ଉତ୍ତର : ପୃଥିବୀରେ ଅତିମାନସ ସତ୍ୟଚେତନା ପ୍ରତିଷ୍ଠିତ ହେଲେ ସୂର୍ଯ୍ୟର ପ୍ରକାଶରେ ଅନ୍ଧକାର ବିଲୀନ ହେବା ସଦୃଶ ଏହି ମୃତ୍ୟୁପୁରୀରୁ ଅଜ୍ଞାନଶକ୍ତି ଲୁପ୍ତ ହୋଇଯିବ । ଅଜ୍ଞାନଶକ୍ତି ସ୍ୱୟଂ ରୂପାନ୍ତରିତ ହେବାରୁ ତାହାର ଯନ୍ତ୍ର ମନ, ପ୍ରାଣ, ଶରୀରର ଗୁଣଧର୍ମ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷାଦି ଦୁର୍ଗୁଣ ରହିବ ନାହିଁ । ଏହିସବୁ ଦୋଷହିଁ ମନୁଷ୍ୟର ପୂର୍ଣ୍ଣ ଶତ୍ରୁ । ଏସବୁ ନ ରହିଲେ, ସାଧନା ନ କରୁଥିବା ବ୍ୟକ୍ତି ମହାନ୍ ଆନନ୍ଦରେ ରହିବେ । କିନ୍ତୁ ସାଧନା ନ କଲେ ସେମାନଙ୍କର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ ନାହିଁ ।

ପ୍ରଶ୍ନ : ବର୍ତ୍ତମାନ ଅଜ୍ଞାନଶକ୍ତିର ଶାସନ ଥିବାରୁ ସବୁବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି ସମ୍ବନ୍ଧେ ସଚେତ ହୋଇ ପାରୁ ନାହାନ୍ତି । ସେତେବେଳେ ଅଜ୍ଞାନଶକ୍ତି ରହିବ ନାହିଁ । ସ୍ୱଚକ୍ଷୁରେ ମନୁଷ୍ୟମାନେ ଅତିମାନବ ଦିବ୍ୟଜାତିକୁ ଦେଖିବେ । ଅତିମାନସ ସତ୍ୟର ପ୍ରଭାବ ସେମାନଙ୍କ ଉପରେ ପଡ଼ିବ । ସେମାନେ ସାଧନା ନ କରି ରୂପାନ୍ତରିତ ନ ହେବେ କାହିଁକି ?

ଉତ୍ତର : କ୍ରମବିକାଶ ତଥା ଭଗବାନଙ୍କ ସୃଷ୍ଟିର ବିଧାନ ଅନୁସାରେ ପୃଥିବୀରେ ମନୁଷ୍ୟଜାତି ରହିବେ । ସେମାନଙ୍କ ମଧ୍ୟରୁ କେତେକେ ସାଧନା କରି ରୂପାନ୍ତରିତ ହେଉଥିବେ । କ୍ରମବିକାଶ ପ୍ରଣାଳୀ ଅନୁସାରେ ପଶୁରୁ ମନୁଷ୍ୟରୂପେ ଜନ୍ମଗ୍ରହଣ କରୁଥିବେ । ଏହି ପ୍ରଣାଳୀ ସର୍ବଦା ଚାଲିବ । କିନ୍ତୁ ସେମାନଙ୍କର ଅଜ୍ଞାନତା ରହିବ ନାହିଁ । ଭଗବାନଙ୍କ

କ୍ରମବିକାଶ ବିଧାନ ଅନୁସାରେ ପଶୁରୁ ମନୁଷ୍ୟ ସନ୍ତାନରୂପେ ଜନ୍ମଗ୍ରହଣ କରୁଥିବେ । କିନ୍ତୁ ବ୍ୟକ୍ତି କାମଶକ୍ତିର କବଳରେ ରହିବ ନାହିଁ ।

ପ୍ରଶ୍ନ : ସାଧନାରେ ଅଗ୍ରସର ହେଲେ ସାଧକ ସୁଖଶାନ୍ତିରେ ରହି ପାରିବ କିନ୍ତୁ ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତି କିପରି ସୁଖ ଶାନ୍ତିରେ ରହିପାରିବ ? ସହଜ ପ୍ରଣାଳୀ ଥିଲେ ବୁଝାଇ ଦିଅନ୍ତୁ ।

ଉତ୍ତର : ମା' ମୋ ସଙ୍ଗେ ସର୍ବଦା ରହି ସବୁ ବାଧା-ବିପଦରୁ ରକ୍ଷା କରିବେ ଏହି ବିଶ୍ୱାସ ରଖିଲେ ସାଧକ ସାଧନାର ଆରମ୍ଭରୁ ସୁଖ-ଶାନ୍ତିରେ ରହି ସାଧନାରେ ଅଗ୍ରସର ହୋଇ ପାରିବେ । ଆରମ୍ଭ କରିବା ମାତ୍ରେ ବିଶ୍ୱାସ ରଖିବ ମା'ଙ୍କ ଉପରେ, ଧାରଣା କରିବ ମୁଁ ମା'ଙ୍କର । ମା' ମୋତେ ସବୁ ବିପଦରୁ, ଦୁଃଖ-କଷ୍ଟରୁ ରକ୍ଷା କରି ଲକ୍ଷ୍ୟରେ ପହଞ୍ଚାଇ ଦେବେ । ଏହି ବିଶ୍ୱାସ ରଖି ମା'ଙ୍କୁ ସମର୍ପଣ କଲେ ସାଧାରଣ ମା' ଛୋଟ ଶିଶୁକୁ ରକ୍ଷା କରିବା ସଦୃଶ ଶ୍ରୀମା ସାଧକଙ୍କୁ ରକ୍ଷା କରିବେ ।

ଶ୍ରୀମା ବହୁତ ସ୍ଥଳରେ କହିଛନ୍ତି – ''ବ୍ୟକ୍ତି ଆନ୍ତରିକତା ସହ ଥରେ ଯଦି କହେ ''ମୁଁ ତୁମର'' ସେହି ସମୟରୁ ମୋ ଶକ୍ତି ତା' ସହିତ ରହି ତାକୁ ରକ୍ଷା କରେ । ରୂପାନ୍ତର କରିବ ଭାଗବତୀଶକ୍ତି । ଏହି କାରଣରୁ ସାଧନା ଆରମ୍ଭରୁ ମା'ଙ୍କ ଉପରେ ବିଶ୍ୱାସ ଭରସା ରଖିବାକୁ ହୁଏ ।

ଏହି ରୂପାନ୍ତର-ଯୋଗର ସାଧନା ହେଉଛି ଅଭୀପ୍ସା, ସମର୍ପଣ, ପ୍ରତିକୂଳ କର୍ମ, ବିଚାରର ତ୍ୟାଗ, ନାମଜପ ଏବଂ ମା'ଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା । ସମର୍ପଣର ଅର୍ଥ – ନିଜେ, ନିଜର ଯାହାକିଛି : ଘର, ପରିବାର ସମ୍ପତ୍ତି ମା'ଙ୍କର । ପଢ଼ିବା, ଚାକିରି କରିବା, ବ୍ୟବସାୟ କରିବା, ଦେଶ ସେବାଦି କାର୍ଯ୍ୟ ମା'ଙ୍କର ସେବା । ଏହି ମନୋଭାବ ରଖି 'ମା' ଏହି ନାମ ଜପ କଲେ ସମର୍ପଣ ଭାବ ଜାଗ୍ରତ ରହିବ । ଏହି ସମର୍ପଣ ଭାବ ସହିତ ନାମଜପ ଚାଲିଲେ ସାଧକ ଏଥିରେ ବହୁତ ଆନନ୍ଦ ପାଇବ । ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିବା ଯୋଗୁଁ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ଭରସା ରହିବ । କୌଣସି ବାଧା ବିପଦ ଆସିଲେ ମା'ଙ୍କ ଉପରେ ନିର୍ଭରତା ଥିବା ଯୋଗୁଁ ସେ ଦୁଃଖିତ, ବ୍ୟଥିତ, ବିଚଳିତ ନ ହୋଇ ବିପଦରୁ ରକ୍ଷା ପାଇବା ସକାଶେ ମା'ଙ୍କୁ ଡାକିବ । ମା'ଙ୍କ ଉପରେ ଭରସା ରଖି ମା'ଙ୍କୁ ଡାକିଲେ ଅର୍ଥାତ୍ ନାମଜପ କଲେ ବିପଦ ଶାନ୍ତିରେ ପରିଣତ ହେବ । ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ସାଧକକୁ ଆନନ୍ଦ ପ୍ରାପ୍ତ ହେବ ।

ସାଧନା ନ କରୁଥିବା ବ୍ୟକ୍ତି ଯେଉଁ ବାଧା, ବିପତ୍ତି ଚିନ୍ତାରେ ଦିବାରାତ୍ରି ଘାଣ୍ଟି ହେଉଥିବ, ମା'ଙ୍କ ଉପରେ ନିର୍ଭର ଥିବା ସାଧକ ସେ ବିପଦରୁ ସହଜରେ ମୁକ୍ତ ରହି ବାଧା-ବିପଦକୁ ଅତିକ୍ରମ କରି ପାରିବେ ।

ପ୍ରଶ୍ନ : ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ସମସ୍ତ ସାଧକଙ୍କ ସକାଶେ ଏହା ସମ୍ଭବ ହେବ ନାହିଁ । ବହୁତ କମ୍ ସାଧକ ସାଧନା ଆରମ୍ଭରୁ ଏପରି ମା'ଙ୍କୁ ସମର୍ପଣ କରି ତାଙ୍କ ଉପରେ ବିଶ୍ୱାସ ଭରସା ରଖି ପାରିବେ । ସାଧାରଣ ସାଧକ ସାଧନା ଆରମ୍ଭରୁ ସୁଖ ଶାନ୍ତିରେ ରହିବେ କିପରି ?

ଉତ୍ତର : ସାଧାରଣ ସାଧକ ଯାହାର ସାଧନାରେ ତୀବ୍ରତା ନାହିଁ, ସେ ସାଧନା ଆରମ୍ଭରୁ ସୁଖଶାନ୍ତିରେ ରହିପାରିବେ ଘରେ ପାଠଚକ୍ର କରିବା ଦ୍ୱାରା । ଏହା ଏକେବାରେ ନିରାଟ ବା ନିଶ୍ଚିତ ସତ୍ୟ ଯେ ବ୍ୟକ୍ତି ଏହି ଯୋଗ ଗ୍ରହଣ କରି ମା'ଙ୍କ ପ୍ରତି ସମର୍ପଣ ଭାବ ରଖି ତାଙ୍କ ଉପରେ ବିଶ୍ୱାସ ଭରସା ରଖି 'ମା' ଏହି ନାମ ଜପ କଲେ ସବୁପ୍ରକାର ବାଧା-ବିପତ୍ତି ଦୂର ହେବ । କିନ୍ତୁ ସାଧନାର ଆରମ୍ଭିକ ଅବସ୍ଥାରେ ବ୍ୟକ୍ତିର ବହୁଜନ୍ମର କୁସଂସ୍କାର ଥିବାରୁ ବିପଦ ଆସିଲେ ସେ ମା'ଙ୍କ ଉପରେ ବିଶ୍ୱାସ-ଭରସା ଭୁଲିଯିବ । ସେହି ବିପଦ-ଚିନ୍ତାରେ ଯନ୍ତ୍ରଣା ଭୋଗ କରୁଥିବ । ସଚେତ ରହିପାରିବ ନାହିଁ । ଯଦି ବ୍ୟକ୍ତି ସାଧନାର ଆରମ୍ଭିକ ଅବସ୍ଥାରୁ ମା'ଙ୍କ ଚରଣରେ ବିଶ୍ୱାସ ରଖିପାରିବ ଏବଂ ନାମଜପ କରିବ ତେବେ ସେ ସଚେତ ରହିବ । କିନ୍ତୁ ସବୁସମୟରେ ସଚେତ ରହିବାର ଉତ୍ତମ ଉପାୟ ହେଲା ତୀବ୍ର ଅଭୀପ୍ସା । ଏହି ତୀବ୍ର ଅଭୀପ୍ସା ହୁଏ ଘରେ ପାଠଚକ୍ର କରିବା ଦ୍ୱାରା । ପାଠଚକ୍ରରେ ଜୀବନର ଲକ୍ଷ୍ୟ, ମା'ଙ୍କୁ ସମର୍ପଣ ଏବଂ ମା'ଙ୍କ ଉପରେ ବିଶ୍ୱାସ-ଭରସା ରଖିବା ବିଷୟ ବାରଂବାର ଚର୍ଚ୍ଚା ହୁଏ ଏବଂ ପାଠଚକ୍ରର ଉତ୍ତମ ବାତାବରଣର ପ୍ରଭାବ ପଡ଼େ । ବ୍ୟକ୍ତିର

ସାଧନାରେ ପାଠଚକ୍ର ବହୁତ ସାହାଯ୍ୟ କରେ । ଏହି ଦୃଷ୍ଟିରୁ ଗୃହରେ ଏବଂ ଗ୍ରାମରେ ପାଠଚକ୍ର ହେବା ଏକାନ୍ତ ଆବଶ୍ୟକ । ଘରେ ପାଠଚକ୍ର ହେଲେ ଗୃହରେ ଶାନ୍ତି ରହିବ । ପରସ୍ପର ମଧ୍ୟରେ ବାଦ-ବିବାଦ, କଳି, ମନୋମାଳିନ୍ୟ ହେବ ନାହିଁ । ଏହାର ଉତ୍ତମ ପ୍ରଭାବ ପଡ଼ିବ ପିଲାମାନଙ୍କ ଉପରେ ।

## ପାଠଚକ୍ର

ପ୍ରଶ୍ନ : ପାଠଚକ୍ରର ପ୍ରଣାଳୀ କ'ଣ ?

ଉତ୍ତର : ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖନ୍ତୁ । ପ୍ରତିଦିନ ଗୋଟିଏ ସଫା ରୁମାଲରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ପୋଛି ସଫା କରନ୍ତୁ । ଧୂପ ପୁଷ୍ପ ଅର୍ପଣ କରନ୍ତୁ । ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଘରର ସମସ୍ତ ପରିବାର ନୀରବରେ ବସନ୍ତୁ । ବସି 'ମା' ଏହି ନାମଜପ ସହିତ ଶ୍ରୀମା'ଙ୍କ ଫଟୋକୁ ୫ ମିନିଟ୍ ଧ୍ୟାନ କରନ୍ତୁ । ହୃଦୟ ଭିତରେ ନାମଜପ ସହିତ ଧ୍ୟାନ କଲେ ଖୁବ୍ ଭଲ । ଯେଉଁମାନେ ହୃଦୟ ଭିତରେ ଧ୍ୟାନ ନ କରିପାରିବେ ସେମାନେ ଆଖି ବନ୍ଦ କରି ନାମଜପ ସହିତ ଶ୍ରୀମା'ଙ୍କ ଫଟୋକୁ ଦେଖନ୍ତୁ । ୫ ମିନିଟ୍ ଧ୍ୟାନ ପରେ 'ରୂପାନ୍ତର ଯୋଗରେ ନାମଜପ', 'ଦେବମୁହୂର୍ତ୍ତ', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଗାର୍ହସ୍ଥ୍ୟ ଧର୍ମ', 'ଦିବ୍ୟଯୁଗ ସ୍ଥାପନାରେ ନାରୀ', 'ଶ୍ରୀଅରବିନ୍ଦଙ୍କ ଯୋଗସାଧନା', 'ସମର୍ପଣ ଓ ବାଧାବିଘ୍ନ', 'ମା', 'ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ' କ୍ରମାନ୍ୱୟରେ ଏକ ଶେଷ ହେଲେ ଅନ୍ୟ ବହି ଜଣେ ପଢ଼ନ୍ତୁ, ଅନ୍ୟମାନେ ନୀରବରେ ବସି 'ମା' ଏହି ନାମଜପ କରି ପଢ଼ା ହେଉଥିବା ବିଷୟ ମନଦେଇ ଶୁଣନ୍ତୁ ଏବଂ ନିଜେ ଆଚରଣ କରିବା ସକାଶେ ଚେଷ୍ଟା କରନ୍ତୁ । ପଢ଼ିବା ବ୍ୟକ୍ତି ପଢୁଥିବା ବିଷୟ ଯଦି ଠିକ୍ ଠିକ୍ ବୁଝିଥିବେ ତେବେ ଅନ୍ୟମାନଙ୍କୁ ବୁଝେଇଦେଇ ପାରିବେ । ଏହିପରି ଏକଘଣ୍ଟା ପଢ଼ି ଏକ ଦୁଇ ମିନିଟ୍ ମା'ଙ୍କ ଫଟୋ ଧ୍ୟାନ କରିବା ପରେ ପାଠଚକ୍ର ସମାପ୍ତ କରନ୍ତୁ । ଘରେ ପାଠଚକ୍ର ଏହିପରି କରନ୍ତୁ । ଘରୋଇ ପାଠଚକ୍ରରେ ଗ୍ରାମର ବ୍ୟକ୍ତି ଯୋଗ ଦେଇପାରନ୍ତି ।

ଗ୍ରାମରେ ସପ୍ତାହରେ ଗୋଟିଏ ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଦିଷ୍ଟ ସମୟରେ ପାଠଚକ୍ର ଆରମ୍ଭ କରନ୍ତୁ । ଗ୍ରାମର ପାଠଚକ୍ର କୌଣସି ବ୍ୟକ୍ତିର ଗୋଟିଏ ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖି ଧୂପ-ପୁଷ୍ପ ଦେଇ ପାଠଚକ୍ର କରି ପାରନ୍ତି; କିଂବା ଗ୍ରାମରେ ଗୋଟିଏ ସ୍ୱତନ୍ତ୍ର ଘର କରି ସେହି ଘରେ ପାଠଚକ୍ର କରିପାରନ୍ତି । ପାଠଚକ୍ରରେ ପୁରୁଷ, ସ୍ତ୍ରୀ ଉଭୟ ଯୋଗ ଦେଇ ପାରନ୍ତି ।

ପ୍ରଶ୍ନ : ଆମ୍ଭେମାନେ ଘରେ ଯେଉଁ ବହି ପଢୁଛୁ ସେହି ବହି ପାଠଚକ୍ରରେ ପଢ଼ା ହେଉଛି । ଆମ୍ଭେମାନେ ଘରେ ନ ପଢ଼ି ପାଠଚକ୍ରରେ ଯୋଗଦେବୁ କାହିଁକି ?

ଉତ୍ତର : ସାଧନାର ପ୍ରଥମ ଅବସ୍ଥାରେ ଘରେ ଯେଉଁ ବହି ପଢ଼ି ଯେତିକି ବୁଝିବେ, ପାଠଚକ୍ରରେ ସେଇ ବହି ପଢ଼ାହେଲେ ଘରେ ପଢ଼ି ବୁଝିବା ଅପେକ୍ଷା ଅଧିକ ବୁଝିପାରିବେ ।

ବ୍ୟକ୍ତିଗତ ସାଧନା ଅପେକ୍ଷା ସାମୂହିକ ସାଧନାର ବହୁତ ଶକ୍ତି । ସାମୂହିକ ସାଧନାରେ ଭାଗବତୀ ଶକ୍ତିଙ୍କର ଅଧିକ ଉପସ୍ଥିତି ଥାଏ । କେତେ ଜଣଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚର୍ଚ୍ଚା ହେବା ଦ୍ୱାରା ଗୋଟିଏ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୁଏ । ସେହି ବାତାବରଣର ପ୍ରଭାବ ଉପସ୍ଥିତ ବ୍ୟକ୍ତିଙ୍କ ଉପରେ ପଡ଼େ । ଯେତେବେଳେ ରାକ୍ଷସମାନଙ୍କର ଅଧିକ ଅତ୍ୟାଚାର ହୁଏ ସେ ସମୟରେ ନିଜ ନିଜ ଘରେ ଦେବତାମାନେ ଏକାକୀ ପ୍ରାର୍ଥନା କରନ୍ତି ନାହିଁ । ସମସ୍ତ ଦେବଗଣ, ବ୍ରହ୍ମା, ଶିବ ଏକତ୍ର ହୋଇ ପ୍ରାର୍ଥନା କରନ୍ତି । ସେମାନଙ୍କ ସାମୂହିକ ପ୍ରାର୍ଥନାର ଉତ୍ତରରେ ଭଗବାନ୍ ଅବତାର ନେବା ସକାଶେ ପ୍ରତିଶ୍ରୁତି ଦିଅନ୍ତି । ସାମୂହିକ ଅଧ୍ୟାତ୍ମ କର୍ମର ଅଧିକ ପ୍ରଭାବ ଏବଂ ଆଧ୍ୟାତ୍ମିକ ବାତାବରଣର ଅଧିକ ପ୍ରଭାବ ପଡୁଥିବା ଯୋଗୁଁ ମା' ସ୍ୱୟଂ ପ୍ଲେ-ଗ୍ରାଉଣ୍ଡରେ ପାଠଚକ୍ର କରୁଥିଲେ ଏବଂ ସାମୂହିକ ଧ୍ୟାନ ମଧ୍ୟ କରାଉ ଥିଲେ । ଆଜି ମଧ୍ୟ ଆଶ୍ରମରେ ଏବଂ ପ୍ଲେ-ଗ୍ରାଉଣ୍ଡରେ ସାମୂହିକ ଧ୍ୟାନ ହେଉଛି । ଯେପରି ଗୋଟିଏ ବଳିତା ବା ଗୋଟିଏ କାଉଁରିଆ

ଜଳାଇଲେ ଯେତିକି ପବନରେ ଲିଭିଯିବ, ଦୀପରେ ଦଶଟି ବଳିତା, ଦଶଟି କାଉଁରିଆ ଏକାଠି କରି ଜଳାଇଲେ ସେତିକି ପବନରେ ଲିଭିବ ନାହିଁ ।

ଏହି କାରଣରୁ ପାଠଚକ୍ରର ବହୁତ ଉପଯୋଗିତା ରହିଅଛି । ପାଠଚକ୍ର ହେଲେ ଘରେ ଶାନ୍ତି, ସାମଞ୍ଜସ୍ୟ ପ୍ରତିଷ୍ଠିତ ହେବ, କଳହ, ମନୋମାଳିନ୍ୟ ହେବ ନାହିଁ । ଘରଟି ଆଧାତ୍ମିକ ଆଶ୍ରମରେ ପରିଣତ ହେବ ।

ପ୍ରଶ୍ନ : ଘରେ କଳହ ମନୋମାଳିନ୍ୟ ହେବାର ଦୁଇଟି କାରଣ । ଗୋଟିଏ ହେଲା ବୁଦ୍ଧିର ପୂର୍ଣ୍ଣ ଜ୍ଞାନ ନ ଥାଏ, ଅର୍ଦ୍ଧଜ୍ଞାନ । ପୂର୍ଣ୍ଣଜ୍ଞାନ ଅଭାବରୁ ଗୋଟିଏ ଘଟନା, ଗୋଟିଏ ବିଷୟକୁ ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ରୂପେ ବିଚାର କରନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ବିଚାରକୁ ଠିକ୍ ବୋଲି ମନେ କରନ୍ତି; ଅନ୍ୟ ବ୍ୟକ୍ତିର ବିଚାରକୁ ଭୁଲ୍ ମନେ କରି ନିଜ ବିଚାର ଅନୁସାରେ ନ ହେଲେ ବିଦ୍ରୋହ କରନ୍ତି । ଅନ୍ୟଟି ହେଲା – ନିଜ ମନ, ପ୍ରାଣ, ଶରୀରର ଗୁଣଧର୍ମ ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ ଇତ୍ୟାଦି । ସ୍ୱାର୍ଥ, ହିଂସା ଯୋଗୁଁ ନିଜର ସୁଖ ସୁବିଧା ଉଦ୍ଦେଶ୍ୟରେ ବ୍ୟକ୍ତି କର୍ମ କରନ୍ତି ଏବଂ ସୁଖ ସୁବିଧା ସକାଶେ ଚେଷ୍ଟା ବି କରନ୍ତି, ହିଂସା ବି କରନ୍ତି । ଏହାକୁ ଅନ୍ୟମାନେ ସହ୍ୟ କରି ପାରନ୍ତି ନାହିଁ । ଏହି କାରଣରୁ ଘରେ କଳି ହୁଏ, ବିବାଦ ହୁଏ । ଭାଇ ଭାଇ ପୃଥକ୍ ହୁଅନ୍ତି । ଭାଇ ନ ଥିଲେ ପିତା-ପୁତ୍ର, ଶାଶୁ-ବୋହୂ, ଭାଉଜ-ନଣନ୍ଦ ମଧ୍ୟରେ ମନୋମାଳିନ୍ୟ ହୁଏ, ଗୃହରେ ଅଶାନ୍ତି ସୃଷ୍ଟି ହୁଏ । ପାଠଚକ୍ର ଦ୍ୱାରା ଏହା ଦୂର ହେବ କିପରି ?

ଉତ୍ତର : ପାଠଚକ୍ର ଦ୍ୱାରା ବ୍ୟକ୍ତି ବୁଝି ପାରିବ – ରୂପାନ୍ତରିତ ମନ ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି ଜୀବନର ଲକ୍ଷ୍ୟ । ଏହାର ପୂର୍ଣ୍ଣ ଶତ୍ରୁ ଏବଂ ସୁଖ ଶାନ୍ତିର ସଂପୂର୍ଣ୍ଣ ବିରୋଧୀ ଆମ୍ଭମାନଙ୍କର ମନ, ପ୍ରାଣ, ଶରୀରର ଗୁଣ ଧର୍ମ – କାମ, କ୍ରୋଧ, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ ଇତ୍ୟାଦି । ଏହା ଜାଣିଲେ ଗୃହରେ ବିବାଦ, କଳି, ମନୋମାଳିନ୍ୟ ରହିବ ନାହିଁ, ଗୃହ ଅଧ୍ୟାତ୍ମ ଆଶ୍ରମରେ ପରିଣତ ହେବ ।

କ୍ରମବିକାଶ ଅନୁସାରେ ମନର ବିକାଶ ସମାପ୍ତ ନ ହୋଇଥିବା ପର୍ଯ୍ୟନ୍ତ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ କେହି ସଚେତନ ନ ଥିଲେ । ମନର ବିକାଶ ଶେଷ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ସତ୍ୟକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ପ୍ରତିଷ୍ଠା କରିଅଛନ୍ତି । ସେହି ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇଅଛି । ଏହି ସନ୍ଦେଶ ବ୍ୟକ୍ତି ଜାଣିଲେ ଘରେ ଗ୍ରାମରେ ପାଠଚକ୍ର କରିବେ । ପାଠଚକ୍ରରେ ପଢ଼ାହୋଇଥିବା ପୁସ୍ତକରୁ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହେବେ । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଦୁଃଖକଷ୍ଟରୁ ସଂପୂର୍ଣ୍ଣ ମୁକ୍ତି – ଏହାହିଁ ଜୀବନର ଲକ୍ଷ୍ୟ ବୋଲି ଜାଣିପାରିବେ । ମନ, ପ୍ରାଣ, ଶରୀରର ଗୁଣଧର୍ମ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଈର୍ଷା, ଆଳସ୍ୟ, ତାମସିକତା ଲକ୍ଷ୍ୟପ୍ରାପ୍ତିର ସଂପୂର୍ଣ୍ଣ ବିରୋଧୀ ଏବଂ ବାଧା ତଥା ଜୀବନରେ ସୁଖଶାନ୍ତି ପ୍ରାପ୍ତିର ଘୋର ଶତ୍ରୁ ବୋଲି ହୃଦୟଙ୍ଗମ କରିବେ ଏବଂ ଏସବୁକୁ କ୍ରିୟାରେ ପରିଣତ ନ କରି ମା'ଙ୍କ ଚରଣରେ ସମର୍ପଣ କରିବେ । ଗୃହର ସମସ୍ତ କର୍ମ ମା'ଙ୍କ ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବେ । ମନେ କରିବେ, ଗୃହ, ପରିବାର, ସମ୍ପତ୍ତି, ଏହି ଶରୀର ମା'ଙ୍କର । ସବୁ ମା'ଙ୍କର ହେବାରୁ ଏହି କାର୍ଯ୍ୟ କରିବା ସକାଶେ ମା' ମୋତେ ନିଯୁକ୍ତ କରିଛନ୍ତି, ଏହି ଧାରଣା ରଖି 'ମା' ଏହି ନାମ ଜପ ସହିତ ସମସ୍ତ କର୍ମ ମା'ଙ୍କୁ ସମର୍ପଣ କଲେ ଅର୍ଥାତ୍ ସମର୍ପଣ ଭାବ ରଖିଲେ ସ୍ୱାଭାବିକ ରୂପେ କର୍ମରେ ଆନନ୍ଦ, ଶାନ୍ତି, ପ୍ରସନ୍ନତା, ଅନୁଭୂତ ହେବ । କାହା ପ୍ରତି ହିଂସାଭାବ ନ ରଖି ପ୍ରସନ୍ନତାରେ ଆନ୍ତରିକତା ସହ କର୍ମ କରିବେ । ମନ, ପ୍ରାଣ, ଶରୀରର ଗୁଣଧର୍ମ ନିଜ ସୁଖଶାନ୍ତିର ବାଧା ଜାଣି ସର୍ବଦା କର୍ମରୁ ଏବଂ ଅନ୍ତରରୁ ତ୍ୟାଗ କରିବେ ।

ଯଥାର୍ଥରେ ଘର, ପରିବାର, ସମ୍ପତ୍ତି ସବୁ ଭଗବାନଙ୍କର । ଏହି ସଂସାରରେ ଅଜ୍ଞାନଶକ୍ତି ଶାସନ କରୁଥିବାରୁ ଆମ୍ଭେମାନେ ଅଜ୍ଞାନରେ ମୋହିତ ହୋଇ ଭଗବାନଙ୍କ ବସ୍ତୁକୁ ନିଜର ବୋଲି ମନେକରୁ । ଅଜ୍ଞାନର ବଶ ହୋଇ ଆମର ପରମ ଶତ୍ରୁ, ଦୁଃଖର କାରଣ, ନିଜର ମନ-ପ୍ରାଣ-ଶରୀରର ଗୁଣଧର୍ମ – ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷା, କାମକ୍ରୋଧାଦି ରିପୁଙ୍କୁ ପରମ ଅନ୍ତରଙ୍ଗ ମିତ୍ର ବୋଲି ଜାଣି ଆନ୍ତରିକତା ସହ ସ୍ୱାଗତ କରୁଥାଉ, ଯଥାର୍ଥରେ ଘର, ପରିବାର ଆମର ନୁହେଁ, ସବୁ ଭଗବାନଙ୍କର, ସବୁକିଛି ଆସିଛି ଭଗବାନଙ୍କଠାରୁ ।

ପ୍ରଶ୍ନ : ଭଗବାନ୍ ପରମ, ଦିବ୍ୟ । ଘର, ପରିବାର, ସମ୍ପତ୍ତି ସବୁ ଅଜ୍ଞାନ ଶକ୍ତିର । ଏହିସବୁ ଅଜ୍ଞାନର ଅଧୀନ ଘର, ପରିବାର ଭଗବାନଙ୍କଠାରୁ ଆସିଲେ କିପରି ? ଭଗବାନଙ୍କର ହେଲେ ବା କିପରି ?

ଉତ୍ତର : ଭଗବାନ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ୱୟଂ ଦିବ୍ୟରୂପେ ପରାର୍ଦ୍ଧ ଏବଂ ଦିବ୍ୟତାର ବିକୃତ ଅଦିବ୍ୟ ରୂପେ ଅପରାର୍ଦ୍ଧରେ ପ୍ରକଟ ହେଲେ ।

ଭଗବାନ୍ ଏକ ଥିଲେ । ଭଗବାନ୍ ସୃଷ୍ଟି କରିବାକୁ ସଂକଳ୍ପ କରି ଈଶ୍ୱର ଏବଂ ଶକ୍ତି ରୂପେ ପ୍ରକଟ ହେଲେ । ଶକ୍ତି ଦ୍ୱାରା ଭଗବାନ୍ ସ୍ୱୟଂ ସୃଷ୍ଟି କଲେ । ସୃଷ୍ଟି ବିଭକ୍ତ କଲେ ଦୁଇ ଭାଗରେ, ଗୋଟିଏ ପରାର୍ଦ୍ଧ, ଅନ୍ୟଟି ଅପରାର୍ଦ୍ଧ ।

ପରାର୍ଦ୍ଧ ହେଲା ଭଗବତ୍ ଦିବ୍ୟଧାମ — ସାକେତ, ଗୋଲୋକ, ବୈକୁଣ୍ଠ, ସଚ୍ଚିଦାନନ୍ଦ ଧାମ ଇତ୍ୟାଦି । ପରାର୍ଦ୍ଧରେ ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନତା କିଛି ନାହିଁ । ପରାର୍ଦ୍ଧବାସୀସବୁ ଭଗବତ୍ ଆନନ୍ଦ, ଭଗବତ୍ ଚେତନାରେ ବାସ କରନ୍ତି । ସେଠାରେ ଭଗବାନ୍ ପ୍ରକଟରୂପେ ରହି ଥାଆନ୍ତି । ବ୍ୟକ୍ତି ଭଗବାନଙ୍କୁ ଭକ୍ତି କଲେ ମୃତ୍ୟୁ ପରେ ଏହିସବୁ ଭଗବତ୍ ଧାମ ପ୍ରାପ୍ତ ହୁଅନ୍ତି । ଜ୍ଞାନୀମାନେ ସିଦ୍ଧି ପ୍ରାପ୍ତ ହେଲେ ଭଗବତ୍ ନିରାକାର ତତ୍ତ୍ୱରେ ମିଶି ଯାଆନ୍ତି । ଅନ୍ୟଟି କଲେ ଅପରାର୍ଦ୍ଧ । ଏହା ମୃତ୍ୟୁପୁରୀ । ଏହି ମୃତ୍ୟୁପୁରୀ ଠିକ୍ ପରାର୍ଦ୍ଧର ବିପରୀତ ଏବଂ ବିକୃତ ରୂପ । ପରାର୍ଦ୍ଧରେ ଦିବ୍ୟଜ୍ଞାନ, ଦିବ୍ୟ ଆନନ୍ଦ, ଦିବ୍ୟଶାନ୍ତି ଏବଂ ଭଗବାନ୍ ପ୍ରକଟ ରହିଲେ । ଏହି ମୃତ୍ୟୁପୁରୀ ଠିକ୍ ପରାର୍ଦ୍ଧର ବିକୃତ ରୂପ । ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟ, ଅଜ୍ଞାନରେ ପୂର୍ଣ୍ଣ ରହିଲା । ଭଗବାନ୍ ଏକ ଥିଲେ । ତାଙ୍କ ଛଡ଼ା ଅନ୍ୟ କେହି ନ ଥିଲେ । ସେହି ଭଗବାନ୍ ନିଜ ସଂକଳ୍ପରେ ବିକୃତ ହୋଇ ଅଜ୍ଞାନଶକ୍ତି ତଥା ଦୁଃଖକଷ୍ଟ, ମୃତ୍ୟୁ, ରୋଗ ଇତ୍ୟାଦି ରୂପେ ପ୍ରକାଶିତ ହେଲେ । ଦୃଶ୍ୟମାନ୍ ସମସ୍ତ ଜଗତ୍ — ବୃକ୍ଷ, ଲତା, ପଶୁ, ପକ୍ଷୀ ସବୁ ଭଗବାନଙ୍କର ବିକୃତ ରୂପ । ଭଗବାନ୍ ଦୃଶ୍ୟମାନ୍ ବସ୍ତୁର ପଶ୍ଚାତରେ ଅଦୃଶ୍ୟ ରୂପେ ରହିଲେ । ଏହି ମୃତ୍ୟୁପୁରୀ ଅପରାର୍ଦ୍ଧରେ ଭଗବାନ୍ ଯଦ୍ୟପି ଅଜ୍ଞାନ ଶକ୍ତିକୁ ଶାସନ ଭାର ଦେଲେ ତଥାପି ଭାଗବତୀ ଶକ୍ତି ରହିଲେ ଅଜ୍ଞାନ ଶକ୍ତିର ପଶ୍ଚାତରେ । ଭାଗବତୀ ଶକ୍ତି ଥିବାରୁ ଭଗବାନଙ୍କ ଇଚ୍ଛା ବିରୋଧ ଅଜ୍ଞାନ ଶକ୍ତି ସଂସାରକୁ ନାଶ କରି ପାରିଲେ ନାହିଁ । ଭଗବାନ୍ ଯେଉଁ ଦିବ୍ୟତାର ବିକୃତରୂପ ଅଦିବ୍ୟର ସୃଷ୍ଟି କଲେ ସେହି ଦିବ୍ୟତାରେ ପହଞ୍ଚିବାକୁ କ୍ରମବିକାଶ ପ୍ରଣାଳୀ ରଖିଲେ ।

ସୃଷ୍ଟି ଆରମ୍ଭରେ ପ୍ରଥମରେ ହେଲା ଅନ୍ଧକାର । ବହୁ ବର୍ଷ ପରେ ହେଲା ଜଡ଼, ମାଟି, ପଥର, ତା'ପରେ ପ୍ରାଣର ବିକାଶ ହେଲା ବୃକ୍ଷଲତାରେ । ପ୍ରାଣର ପୂର୍ଣ୍ଣ ବିକାଶ ହେଲା ପଶୁ-ପକ୍ଷୀରେ, ପ୍ରାଣର ବିକାଶ ପର୍ଯ୍ୟନ୍ତ କ୍ରମ ବିକାଶ ଚାଲିଲା ପ୍ରକୃତି ଦ୍ୱାରା ବହୁ ମନ୍ଥର ଗତିରେ । ପ୍ରାଣର ବିକାଶ ସମାପ୍ତ ହେବାରୁ ମନର ବିକାଶ ହେଲା ମନୁଷ୍ୟରେ । ମନୁଷ୍ୟକୁ ପ୍ରାପ୍ତ ହେଲା ଅର୍ଦ୍ଧଜ୍ଞାନ ବୁଦ୍ଧି । ବୁଦ୍ଧିର ପୂର୍ଣ୍ଣଜ୍ଞାନ ନ ଥିବାରୁ ମନୁଷ୍ୟ ଯଥାର୍ଥ ଅଯଥାର୍ଥ ଠିକ୍ ଠିକ୍ ବୁଝି ପାରେ ନାହିଁ । ଏହି ମୃତ୍ୟୁ ପୁରୀ ଅଜ୍ଞାନ ଶକ୍ତି ଦ୍ୱାରା ପରିଚାଳିତ ହେଉ ଥିବାରୁ ଅଧିକାଂଶ ମନୁଷ୍ୟର ବୁଦ୍ଧି ଅଜ୍ଞାନଶକ୍ତିର ଯନ୍ତ୍ର ହୋଇ ଅଧର୍ମ ଆଚରଣ କରେ, ଅଧର୍ମ ଅଧିକ ହେଲେ ସୃଷ୍ଟି ନାଶ ହେବାର ସମ୍ଭାବନା ହୁଏ । ଅଧର୍ମର ବୃଦ୍ଧି ହେଲେ; ଅଧର୍ମର ହ୍ରାସ ଓ ଧର୍ମର ବୃଦ୍ଧି କରିବା ସକାଶେ ଭଗବାନ୍ ସମୟ ଅନୁସାରେ ନାନାରୂପେ ଅବତାର ନେଇ ଅଧର୍ମର ଯନ୍ତ୍ର ରାକ୍ଷସମାନଙ୍କୁ ବଧକରି ଧର୍ମର ବୃଦ୍ଧି କରନ୍ତି ଏବଂ ଭଗବାନଙ୍କ ନିର୍ଦ୍ଦେଶରେ ଋଷି, ମୁନି, ଆଚାର୍ଯ୍ୟ, ମହାପୁରୁଷ, ସାଧୁସନ୍ଥମାନେ ପୃଥିବୀକୁ ଆସି ଅଧ୍ୟାତ୍ମ ସତ୍ୟ ଅର୍ଥାତ୍ ଭଗବତ୍ ପ୍ରାପ୍ତି ମାର୍ଗ ଉପସ୍ଥିତ କରାନ୍ତି । ଅଧ୍ୟାତ୍ମ ସତ୍ୟ ପ୍ରଭାବରୁ ଅସତ୍ୟ, ଅଧର୍ମ କମ୍ ହୁଏ, ସତ୍ୟର ବୃଦ୍ଧି ହୁଏ । ପୃଥିବୀରେ ଅଜ୍ଞାନ ଶକ୍ତିର ଶାସନ ଥିବାରୁ କିଛି ଦିନ ପରେ ପୁନରାୟ ଅଧର୍ମ ବୃଦ୍ଧି ହେଉଥାଏ । ଅଧର୍ମର ପୂର୍ଣ୍ଣ ନାଶ ହୁଏ ନାହିଁ । ଏହିପରି ମନର ବିକାଶ ସମାପ୍ତ ପର୍ଯ୍ୟନ୍ତ ଧର୍ମର ଉତ୍ଥାନ ପତନ ଚାଲିଥିଲା । ଭିନ୍ନ ଭିନ୍ନ ସମୟରେ ଭଗବାନ୍ ଭିନ୍ନ ଭିନ୍ନ ରୂପେ ଅବତାର ନେଇ ପୃଥିବୀକୁ ଆସୁଥିଲେ । ଭିନ୍ନ ଭିନ୍ନ ସମୟରେ ଆଚାର୍ଯ୍ୟମାନେ ଆସି ଭିନ୍ନ ଭିନ୍ନ ଅଧ୍ୟାତ୍ମ ମାର୍ଗ ପ୍ରସାର କରୁଥିଲେ । ଏହି କାରଣରୁ ଭଗବତ୍ ପ୍ରାପ୍ତିର ମାର୍ଗ ବିଭିନ୍ନ ପ୍ରକାର ହୋଇ ଅଛି ।

ମନର ବିକାଶ ସମାପ୍ତ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟ-ଶରୀରରେ ପୃଥିବୀକୁ ଆସି ଅତିମାନସ ସତ୍ୟକୁ ପୃଥିବୀରେ ପ୍ରତିଷ୍ଠା କରି ଅଛନ୍ତି । ଏହି ଅତିମାନସ ଶକ୍ତି ଦ୍ୱାରା ପୃଥିବୀକୁ ଶାସନ କରୁଥିବା ଅଜ୍ଞାନ ଶକ୍ତିର ରୂପାନ୍ତର ହେବ ।

ଅଜ୍ଞାନ ଶକ୍ତି ପୃଥିବୀରୁ ଲୋପ ହେବା ଯୋଗୁଁ ଆଉ ଅଧର୍ମ ରହିବ ନାହିଁ । ଏହି ମୃତ୍ୟୁ ପୁରୀ ବୈକୁଣ୍ଠ, ସାକେତ, ଗୋଲୋକ ଓ ସଚ୍ଚିଦାନନ୍ଦ ଭଗବତ ଦିବ୍ୟଧାମ ସଦୃଶ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଯେତେ ଅଧିକ ବ୍ୟକ୍ତି ଏହି ସତ୍ୟକୁ ଜାଣିବେ, ଗ୍ରହଣ କରିବେ, ସେହି ପରିମାଣରେ ସଂସାରରୁ ଅନ୍ୟାୟ, ଅସତ୍ୟ, ଦୁର୍ନୀତି କମ୍ ହେବାକୁ ଲାଗିବ ଏବଂ ସଂସାର ଦିବ୍ୟ ସ୍ୱର୍ଗର ପ୍ରତିଷ୍ଠା ମାର୍ଗରେ ଅଗ୍ରସର ହେଉଥିବ । କିଛି ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ପୃଥିବୀରେ ଦିବ୍ୟ ସ୍ୱର୍ଗ ସ୍ଥାୟୀ ଭାବେ ପ୍ରତିଷ୍ଠିତ ହେବ । ପୁନରାୟ ପ୍ରଳୟ ହେବ ନାହିଁ । ଏହି ସତ୍ୟର ସନ୍ଧାନ ମନୁଷ୍ୟ ସମ୍ମୁଖରେ ପହଞ୍ଚି ପାରିବ ପାଠଚକ୍ର ଦ୍ୱାରା ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର, ପୃଥିବୀରେ ଦିବ୍ୟ ସ୍ୱର୍ଗର ପ୍ରତିଷ୍ଠା ଯୁକ୍ତି ଯୁକ୍ତ, ଏବଂ ଶାସ୍ତ୍ର ବେଦ, ଉପନିଷଦ୍ ଦ୍ୱାରା ପ୍ରତିପାଦିତ ହେଉଥିଲେ ବି ବୁଦ୍ଧି ସକାଶେ ସଂପୂର୍ଣ୍ଣ ନୂତନ ଏବଂ କଳ୍ପନାତୀତ । ଏହି ରୂପାନ୍ତର ଯୋଗକୁ ଯଦି କେହି ଠିକ୍ ଠିକ୍ ବୁଝି ନ ପାରି ପ୍ରଶ୍ନ କରନ୍ତି – ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ଯଦି ନ ହୁଏ ତେବେ କ'ଣ ରୂପାନ୍ତର ସାଧନା ନିରର୍ଥକ ହେବ ? ଶ୍ରୀମା ଶ୍ରୀଅରବିନ୍ଦ ଯଦି ଭଗବାନଙ୍କ ଅବତାର ହୋଇ ନ ଥିବେ, ତେବେ ମା' ନାମ ଜପ କ'ଣ ବ୍ୟର୍ଥ ହେବ ?

ଉତ୍ତର : ମା' ଏହି ନାମ ଜପ କଦାପି ବ୍ୟର୍ଥ ହେବ ନାହିଁ ଏବଂ ରୂପାନ୍ତର ସାଧନା କଦାପି ନିରର୍ଥକ ହେବ ନାହିଁ । ଏହା ସର୍ବାବସ୍ଥାରେ ନିରାଟ ସତ୍ୟ । ଯେପରି ସୂର୍ଯ୍ୟ ପଶ୍ଚିମରେ ଉଦୟ ହେବା ଅସମ୍ଭବ ସେହିପରି ମା' ନାମ ଜପ ଏବଂ ରୂପାନ୍ତର ସାଧନା ବ୍ୟର୍ଥ ହେବା ଅସମ୍ଭବ ।

ଯେଉଁମାନେ ଏହି ଯୋଗ ଗ୍ରହଣ କରନ୍ତି, ତାଙ୍କ ଅନ୍ତରାତ୍ମା ଜାଗ୍ରତ୍ ଥାଏ । ସେମାନେ ମା'ଙ୍କୁ ଆଦ୍ୟାଶକ୍ତି ଜାଣି ମା' ଏହି ନାମଜପ କରନ୍ତି, ଯେଉଁମାନେ ଏହି ଯୋଗ ସାଧନା କରନ୍ତି ସେମାନଙ୍କ ଅନ୍ତରାତ୍ମା ତାହାକୁ ଗ୍ରହଣ କରିଥାଏ । ଅନ୍ତରାତ୍ମା ଭୁଲ୍ କରେ ନାହିଁ । ଯଦି ପଥର ମୂର୍ତ୍ତିକୁ ଭଗବାନ୍ ଧାରଣା କଲେ ପଥର ମୂର୍ତ୍ତିରୁ ଭଗବାନ୍ ଦର୍ଶନ ଦିଅନ୍ତି, ତେବେ ଅତିମାନସ ଶକ୍ତିକୁ ଧାରଣ କରିଥିବା ମା'ଙ୍କୁ ଆଦ୍ୟାଶକ୍ତି ଜାଣି ତାଙ୍କ ନାମ ଜପ କଲେ ବ୍ୟର୍ଥ ହେବ କିପରି ?

ଭଗବାନଙ୍କ ଛଡ଼ା କୌଣସି ଆଚାର୍ଯ୍ୟ ମହାପୁରୁଷ ଅତିମାନସ ଶକ୍ତିକୁ ପୃଥିବୀକୁ ଉତାରି ଆଣି ଅଜ୍ଞାନ ଶକ୍ତିକୁ ରୂପାନ୍ତର କରି ପାରନ୍ତି ନାହିଁ । ଅଜ୍ଞାନ ଶକ୍ତିର ଯନ୍ତ୍ର ରାକ୍ଷସ ପ୍ରବଳ ହେଲେ ସ୍ୱୟଂ ଭଗବାନଙ୍କୁ ଅବତାର ନେଇ ସେମାନଙ୍କୁ ମାରିବାକୁ ହୁଏ । ରାକ୍ଷସମାନେ ହେଉଛନ୍ତି ଅଜ୍ଞାନ ଶକ୍ତିର ଯନ୍ତ୍ର । ଯନ୍ତ୍ରକୁ ମାରିବା ସକାଶେ ଯଦି ଭଗବାନଙ୍କୁ ଅବତାର ନେବାକୁ ହୁଏ ତେବେ ସ୍ୱୟଂ ଅଜ୍ଞାନ ଶକ୍ତିକୁ ରୂପାନ୍ତରିତ କରିବା ଭଗବାନଙ୍କ ଛଡ଼ା ଅନ୍ୟ କିଏ କରିପାରେ ? ଅତଏବ ନିଶ୍ଚିତ ରୂପେ ମା' ଆଦ୍ୟାଶକ୍ତିଙ୍କ ଅବତାର । ମନ, ପ୍ରାଣ ଶରୀରର ରୂପାନ୍ତର ସକାଶେ ପୂର୍ଣ୍ଣ ରୂପେ ଭାଗବତୀ ଶକ୍ତିଙ୍କୁ ସମର୍ପଣ କରିବାକୁ ହୁଏ । ସମର୍ପଣ କଲେ ସାଧକକୁ ଭଗବାନ୍ ପୂର୍ଣ୍ଣ ରୂପେ ଗ୍ରହଣ କରନ୍ତି, ଭଗବାନ୍ ଗ୍ରହଣ କଲେ ଅଜ୍ଞାନ ଶକ୍ତିର କବଳରୁ ସାଧକ ପୂର୍ଣ୍ଣ ରୂପେ ମୁକ୍ତ ହୁଏ । ସାଧକ ଭଗବାନଙ୍କର ହୋଇଯିବାର ଅର୍ଥ ଭଗବତ୍ ପ୍ରାପ୍ତି କରିବା । ଭଗବତ୍ ପ୍ରାପ୍ତିହିଁ ଲକ୍ଷ୍ୟ । ଲକ୍ଷ୍ୟ ପ୍ରାପ୍ତି ହେଲେ ସାଧନା ବ୍ୟର୍ଥ ହେବ କିପରି ?

ତା'ଛଡ଼ା ପୂର୍ଣ୍ଣ ରୂପାନ୍ତର ସିଦ୍ଧି ହେବା ପୂର୍ବରୁ ପୁରାତନ ଯୋଗର ସିଦ୍ଧି ସଗୁଣ ଭଗବାନଙ୍କ ଉପଲବ୍ଧି ଏବଂ ନିର୍ଗୁଣ ନିରାକାରଙ୍କ ଉପଲବ୍ଧି ସାଧକଙ୍କୁ ହୁଏ । ଲକ୍ଷ୍ୟସିଦ୍ଧି ପୂର୍ବରୁ ଯେଉଁ ଯୋଗରେ ପୁରାତନ ସମସ୍ତ ଯୋଗର ଲକ୍ଷ୍ୟ ସିଦ୍ଧି ହୁଏ ସେ ଯୋଗ ବ୍ୟର୍ଥ ହେବ କିପରି ? ପୂର୍ଣ୍ଣ ରୂପାନ୍ତର ହେଲେ ଭଗବାନଙ୍କ ନିର୍ଗୁଣ, ସଗୁଣ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧ ହୁଅନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ନାରାୟଣ ଆଦି ଭଗବାନଙ୍କର ଯଥାର୍ଥ ସ୍ୱରୂପ ହେଉଛି, ସଗୁଣ, ନିର୍ଗୁଣ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱ । ସେ ଯେଉଁ ସମୟରେ ସଗୁଣ, ସେହି ସମୟରେ ନିର୍ଗୁଣ ସେହି ଏକହିଁ ସଙ୍ଗେ ପୁରୁଷୋତ୍ତମ ତତ୍ତ୍ୱ । ଗୀତା ଉପନିଷଦ ବେଦ ତଥା ରାମାୟଣରେ ଭଗବାନଙ୍କ ଯଥାର୍ଥ ସ୍ୱରୂପ ପୁରୁଷୋତ୍ତମ ତତ୍ତ୍ୱର ବର୍ଣ୍ଣନା କରାହୋଇଛି ।

ଗୀତାରେ କୁହା ହୋଇଛି :

''କ୍ଷରାକ୍ଷର ମତିତୋହଂ ପ୍ରସିଦ୍ଧୋ ପୁରୁଷୋତ୍ତମଃ ।''

ରାମାୟଣରେ ଅଛି :

''ଯୋ ମହେଶ ମନ ମାନସ ହଂସା ।
ଅଗୁଣ ସଗୁଣ ଯେହି ନିଗମ ପ୍ରଶଂସା ॥
ସୋରୂପ ଦେଖଉଁ ମମଭରି ଲୋଚନ ।
କୃପା କରଉଁ ପ୍ରଣତାରତି ମୋଚନ ॥
ବିନୁ ପଦ ଚଲଇ ଶୁନଇ ବିନୁ କାନା ।
କର ବିନୁ କରମ କରତ ବିଧି୍ ନାନା ॥
ଆନନ ରହିତ ସକଳ ରସ ଭୋଗି ।
ବିନୁ ବାନି ବକତା ବଡ଼ ଯୋଗୀ ॥
ଅସ ସବ ଭାନ୍ତି ଅଲୌକିକ କରଣୀ ।
ମହିମା ଅମିତ ଯାତ ନହିଁ ବରଣୀ ॥''

ଉପନିଷଦ ବେଦ ତଥା ରାମ ତାପନି ଉପନିଷଦରେ ଭଗବାନଙ୍କ ସ୍ୱରୂପ ସ୍ପଷ୍ଟ ଭାବେ ପୁରୁଷୋତ୍ତମ ତତ୍ତ୍ୱ ବର୍ଣ୍ଣନା ହୋଇ ଅଛି । ସଗୁଣ ଉପାସକ ଭକ୍ତ ହୁଅନ୍ତୁ ଅଥବା ନିର୍ଗୁଣ ନିରାକାରବାଦୀ ହୁଅନ୍ତୁ, ଉଭୟ ଶ୍ରେଣୀର ସାଧକମାନଙ୍କ ଇଷ୍ଟଙ୍କ ଯଥାର୍ଥ ସ୍ୱରୂପ ପୁରୁଷୋତ୍ତମ ତତ୍ତ୍ୱ । ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ପୁରୁଷୋତ୍ତମ ଉପଲବ୍ଧି ହେଉଥିବାରୁ ସମସ୍ତ ସମ୍ପ୍ରଦାୟର ସାଧକ ଚାହିଁଲେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଗୁରୁ ଏବଂ ଇଷ୍ଟ ନିଷ୍ଠାର ପ୍ରତିକୂଳ ହେବ ନାହିଁ ।

ସଂସାରରେ ଅତିମାନସ ସତ୍ୟ ଯୁଗ ଅପେକ୍ଷାକୃତ ଶୀଘ୍ର ପ୍ରତିଷ୍ଠିତ ହେବା ସକାଶେ ପାଠଚକ୍ର ଦ୍ୱାରା ଏହି ସନ୍ଦେଶ ଲୋକଙ୍କ ପାଖରେ ପହଞ୍ଚିବା ଏକାନ୍ତ ପ୍ରୟୋଜନ ।

## ମହିଳା ପାଠଚକ୍ର

ପ୍ରଶ୍ନ : ପ୍ରଶ୍ନ-ଉତ୍ତର ଦ୍ୱାରା ବର୍ତ୍ତମାନ ସବୁ ସନ୍ଦେହ ଦୂର ହେଲା । ତେବେ ପାଠଚକ୍ରର ପ୍ରସାରର ପ୍ରଣାଳୀ କୁହନ୍ତୁ ।

ଉତ୍ତର : ପାଠଚକ୍ର ପ୍ରସାର ସଙ୍ଗେ ସଙ୍ଗେ ମହିଳା ପାଠଚକ୍ରର ପ୍ରସାର ଏକାନ୍ତ ଆବଶ୍ୟକ । ପାଠଚକ୍ର ପ୍ରସାର ଯେଉଁ ପ୍ରଣାଳୀରେ ହେବ ସେହିପରି ମହିଳା ପାଠଚକ୍ରର ପ୍ରସାର ହେବା ଉଚିତ । ପାଠଚକ୍ର ଏବଂ ମହିଳା ପାଠଚକ୍ର ଯଥାର୍ଥରେ ରୂପାନ୍ତର ଯୋଗ ପ୍ରସାରର ଗୋଟିଏ କାର୍ଯ୍ୟ । ଏକରୁ ଅନ୍ୟଟି ଭିନ୍ନ ନୁହେଁ ।

ଯେପରି ଗୃହରେ, ଗ୍ରାମରେ, ଅଞ୍ଚଳରେ, ଜିଲ୍ଲାରେ, ପ୍ରଦେଶରେ ସାଧାରଣ ପାଠଚକ୍ର, ପାଠଚକ୍ରର ବାର୍ଷିକ ଉତ୍ସବ, ପାଠଚକ୍ର ମିଟିଂ, ପାଠଚକ୍ର ସେମିନାର୍ ହେଉଛି ସେହିପରି ।

ମହିଳାମାନଙ୍କର ସ୍ୱତନ୍ତ୍ର ପାଠଚକ୍ର, ଗୃହରେ, ଗ୍ରାମରେ, ଅଞ୍ଚଳରେ, ଜିଲ୍ଲାରେ, ପ୍ରଦେଶରେ ହେବ ଏବଂ ସେହିପରି ପାଠଚକ୍ରର ବାର୍ଷିକ ଉତ୍ସବ, ମିଟିଂ, ଅଞ୍ଚଳ, ଜିଲ୍ଲା, ପ୍ରଦେଶରେ ହେବ । ସେହିପରି ଅଞ୍ଚଳ, ଜିଲ୍ଲା, ପ୍ରଦେଶରେ ସଂଗଠକ ବି ରହିବେ । ଅତିମାନସ ନୂତନ ଯୋଗ ପ୍ରତିଷ୍ଠାରେ ନାରୀମାନଙ୍କର ବିଶେଷ ଭୂମିକା ରହିବ ।

ପ୍ରଶ୍ନ : ସାଧାରଣ ପାଠଚକ୍ରରେ ନାରୀପୁରୁଷ ଉଭୟେ ଯୋଗଦେବେ । ମହିଳା ପାଠଚକ୍ର ସ୍ୱତନ୍ତ୍ରରୂପେ ହେବାର ଆବଶ୍ୟକ କ'ଣ ? ପ୍ରଚଳିତ ଆଧ୍ୟାତ୍ମିକତା କେବଳ ପୁରୁଷମାନଙ୍କ ଦ୍ୱାରା ହୋଇଆସୁଅଛି । ନାରୀମାନଙ୍କର କୌଣସି

ଭୂମିକା ନାହିଁ । ପୁରାତନ ଯୋଗରେ ଖୁବ୍ ଅଳ୍ପ, ଅନସୂୟା, ଅରୁନ୍ଧତୀ ଆଦି କେତେଜଣ ନାରୀ ଆଧ୍ୟାତ୍ମିକତାରେ ଯଦ୍ୟପି ଅଂଶଗ୍ରହଣ କରିଥିଲେ ତଥାପି ସେମାନଙ୍କ ପାତିବ୍ରତ୍ୟଧର୍ମର ପ୍ରାଧାନ୍ୟ ଥିଲା । ପ୍ରଚଳିତ ଅଧ୍ୟାତ୍ମ ଆଶ୍ରମମାନଙ୍କରେ କେବଳ ପରୁଷମାନେ ଅଛନ୍ତି । ଅତିମାନସରୂପାନ୍ତର ଯୋଗରେ ନାରୀମାନଙ୍କର ବିଶେଷ ଭୂମିକା କାହିଁକି ହେବ ? ମହିଳାମାନଙ୍କର ସ୍ୱତନ୍ତ୍ର ପାଠଚକ୍ର ହେବାର ବିଶେଷତ୍ୱ କ'ଣ ?

ଉତ୍ତର : ମହିଳାମାନଙ୍କ ପାଠଚକ୍ରର ବିଶେଷତା ଏହି ସକାଶେ ହେବ : ସାଧାରଣ ପାଠଚକ୍ରରେ ପୁରୁଷମାନଙ୍କ ସହିତ ବୋହୂ ଏବଂ ଝିଅମାନେ ଯୋଗଦେବାରେ ସଂକୋଚ କରିବେ । ଅଳ୍ପବୟସ୍କା ନାରୀମାନେ ଯୋଗଦେଇ ପାରିବେ ନାହିଁ । କିନ୍ତୁ ପୃଥିବୀରେ ନୂତନ ଅତିମାନବ ଜାତି, ନୂତନ ଅତିମାନସ ଚେତନା ପ୍ରତିଷ୍ଠାରେ ନାରୀମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଅଛି । ପୂର୍ବରୁ ଅଧ୍ୟାତ୍ମ-ସତ୍ୟ ଗ୍ରହଣର ଦାୟିତ୍ୱ ନାରୀମାନଙ୍କର ନ ଥିଲା । ଥିଲା ପାତିବ୍ରତ୍ୟଧର୍ମ ପାଳନର ଦାୟିତ୍ୱ । ସେହି ସଂସ୍କାର ସେମାନଙ୍କ ଚେତନାରେ ପ୍ରତିଷ୍ଠିତ ହୋଇ ଆସୁଅଛି । ପୃଥିବୀରେ ମାନସଚେତନା ପରିବର୍ତ୍ତେ ଅତିମାନସ ସତ୍ୟ ଚେତନାର ପ୍ରତିଷ୍ଠା, ଅତିମାନବ ଜାତିର ସୃଷ୍ଟି, ପୃଥିବୀ ଦିବ୍ୟସ୍ୱର୍ଗରେ ପରିଣତ ହେବା ଏକେବାରେ ନୂତନ ଏବଂ ମନର କଳ୍ପନାତୀତ । ପୃଥିବୀରେ ନୂତନ ଜାତି, ନୂତନ ଚେତନା ପ୍ରତିଷ୍ଠିତ ହେଉଥିବାରୁ ଏହି କାର୍ଯ୍ୟ ନାରୀମାନଙ୍କ ଦ୍ୱାରା ବିଶେଷରୂପେ ହୋଇପାରିବ । ଏହି କାର୍ଯ୍ୟରେ ବୋହୂ ଓ ଝିଅମାନଙ୍କର ବହୁତ ଆବଶ୍ୟକ । ସେମାନଙ୍କର ଆଚରଣର ପ୍ରଭାବ ଗୃହରେ ଏବଂ ସନ୍ତାନମାନଙ୍କ ଉପରେ ବିଶେଷ ରୂପେ ପଡ଼ିବ । ସେମାନଙ୍କର ସ୍ୱତନ୍ତ୍ର ପାଠଚକ୍ର ହେଲେ ସେମାନେ ନିଜର ଦାୟିତ୍ୱ ବୁଝିପାରିବେ ଏବଂ ଏହି ଅତିମାନସ-ରୂପାନ୍ତର ସତ୍ୟ ସମ୍ବନ୍ଧେ ସଚେତନ ହେବେ । ଏହି ସତ୍ୟକୁ ଗ୍ରହଣ କଲେ ସ୍ୱତଃସ୍ଫୂର୍ତ୍ତ ଭାବେ ପାତିବ୍ରତ୍ୟ ଧର୍ମ ପାଳନ କରିବେ । ଅନ୍ୟ କାରଣ ହେଲା ମା'ର ଅଧିକ ପ୍ରଭାବ ପଡ଼େ ସନ୍ତାନମାନଙ୍କ ଉପରେ । ମା'ର ଆଚରଣ ଅନୁସାରେ ସନ୍ତାନମାନଙ୍କର ସଂସ୍କାର ହେବ । ଶ୍ରୀମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ମା' ଯେପରି ସଦ୍‌ଗୁଣଯୁକ୍ତ ସନ୍ତାନ ଚାହିଁବ ସେହିପରି ସନ୍ତାନ ହେବେ । ଗୋଟିଏ ନାରୀ ଏହି ସତ୍ୟକୁ ଗ୍ରହଣ କଲେ ତା'ର ପ୍ରଭାବରେ ସମସ୍ତ ଗୃହ ଅଧ୍ୟାତ୍ମଆଶ୍ରମରେ ପରିଣତ ହେବ । ସେହି କାରଣରୁ ପୃଥିବୀରେ ଅତିମାନସ-ସତ୍ୟ ପ୍ରତିଷ୍ଠାରେ ନାରୀମାନଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ ।

ସୃଷ୍ଟି ଆରମ୍ଭରୁ ପୃଥିବୀରେ ଅଧ୍ୟାତ୍ମଧର୍ମର ପ୍ରତିଷ୍ଠା, ଧର୍ମର ଉତ୍‌ଥାନରେ ନାରୀମାନଙ୍କ ଭୂମିକା ସର୍ବଦା ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଅଛି । ଭଗବାନଙ୍କ ବିଧାନ ଅନୁସାରେ ନାରୀମାନଙ୍କ ପାତିବ୍ରତ୍ୟଧର୍ମ ପାଳନ ଯୋଗୁଁ ଭଗବାନ୍ ଭାରତବର୍ଷକୁ ଅଧ୍ୟାତ୍ମକେନ୍ଦ୍ର ରୂପେ ବାଛି ଅଛନ୍ତି । ନାରୀମାନଙ୍କର ପାତିବ୍ରତ୍ୟଧର୍ମ ଯୋଗୁଁ ଧର୍ମର ଉତ୍‌ଥାନ, ଅଧର୍ମର ହ୍ରାସ ସକାଶେ ଭଗବାନଙ୍କର ସମସ୍ତ ଅବତାର ଭାରତବର୍ଷରେ ହୋଇଅଛି । ବହୁ ସଂଖ୍ୟାରେ ଆଚାର୍ଯ୍ୟ, ମହାପୁରୁଷ, ଋଷି, ମୁନି, ସାଧୁସନ୍ଥ ଭାରତବର୍ଷରେ ବରାବର ଜନ୍ମଗ୍ରହଣ କରି ଅଧର୍ମର ହ୍ରାସ, ଧର୍ମର ଉତ୍‌ଥାନ କରାଇଆସୁଛନ୍ତି । ମାତ୍ର ଯିଶୁଖ୍ରୀଷ୍ଟ ଏବଂ ମହମ୍ମଦ ଦୁଇଜଣ ମହାପୁରୁଷ ଭାରତ ବାହାରେ ଜନ୍ମଗ୍ରହଣ କରି ଅଛନ୍ତି । ୬୦/୭୦ ବର୍ଷ ପୂର୍ବେ ହିନ୍ଦୁମାନଙ୍କ ଉଚ୍ଚବର୍ଣ୍ଣରେ ବାଲ୍ୟ ବିବାହ ବିଧାନ ଥିଲା । ଛୋଟ ବାଳିକାଟିଏ ବାଲ୍ୟା-ବସ୍ଥାରେ ବିଧବା ହେଲେ ସମସ୍ତ ଜୀବନ ତପସ୍ୟାକରି ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରୁଥିଲେ । ନୂତନ ଅତିମାନସ ଯୁଗର ପ୍ରାଦୁର୍ଭାବ ହେବାର ସମୟ ଆସିବାରୁ ପୂର୍ବ ନୈତିକତା ଭାଙ୍ଗିଗଲା । ପକ୍କା ଘର ତିଆରି କରିବାକୁ ହେଲେ ପୁରାତନ ଛପରଘର ପୂର୍ଣ୍ଣରୂପେ ଭାଙ୍ଗିଦେବା ସଦୃଶ ଭାରତ ବର୍ଷର ପୂର୍ବନୈତିକତା ଆସ୍ତେ ଆସ୍ତେ ପୂର୍ଣ୍ଣରୂପେ ଭାଙ୍ଗିଗଲା । ଅନ୍ୟାୟ, ଅସତ୍ୟ, ଦୁର୍ନୀତି ବୃଦ୍ଧି ହେଲା । ତାହା ସଙ୍ଗେ ସଙ୍ଗେ ପାତିବ୍ରତ୍ୟ ଧର୍ମର ଯେଉଁ କଠୋର ନିୟମ ଥିଲା ତାହା ଆସ୍ତେ ଆସ୍ତେ ଶିଥିଳ ହେବାକୁ ଲାଗିଲା । ନୂତନ ଅତିମାନସ ସତ୍ୟ ପ୍ରତିଷ୍ଠିତ ହେବା ପୂର୍ବରୁ ପୂର୍ବ ନୈତିକତା ସଂପୂର୍ଣ୍ଣ ରୂପେ ଭାଙ୍ଗିଯିବା ସ୍ୱାଭାବିକ ଥିଲା । ଏହାର ପ୍ରଭାବ ପାତିବ୍ରତ୍ୟ ଧର୍ମ ଉପରେ ପଡ଼ିଲା । ପୁରୁଷମାନେ ଯେପରି ପୁନର୍ବିବାହ କରୁଥିଲେ ନାରୀମାନେ ସେହିପରି ସାମାଜିକ ପ୍ରଥା ଅନୁସାରେ ପୁନର୍ବିବାହ କଲେ । କେତେକ ନାରୀ ପୁରୁଷମାନଙ୍କ ସହିତ ସଂସାରରେ କର୍ମ କଲେ । ଏହା ଆଗତ ଅତିମାନସ ସତ୍ୟଯୁଗ ସକାଶେ ଆବଶ୍ୟକ ଥିଲା । ଏହିମାନଙ୍କ ମଧ୍ୟରୁ କେହି କେହି ପାତିବ୍ରତ୍ୟଧର୍ମ ପାଳନର ଗୌରବ ଏବଂ ତାଙ୍କର ପାତିବ୍ରତ୍ୟଧର୍ମ ପ୍ରଭାବରେ ସଂସାରରେ ଧର୍ମର ବୃଦ୍ଧିକୁ ଭୁଲିଗଲେ । ଭାରତର

ନାରୀମାନଙ୍କ ଉପରେ ପୁରୁଷମାନେ ଅତ୍ୟାଚାର କରି ସେମାନଙ୍କ ସ୍ୱତନ୍ତ୍ରତାକୁ ଅପହରଣ କରି ଘରକୋଣରେ ସେମାନଙ୍କୁ ନିଜ ଅଧୀନ କରି ରଖିଥିବା ଦୋଷରେ ପୁରୁଷମାନଙ୍କ ଉପରେ ଅଭିଯୋଗ କଲେ । ଏହି ଦୋଷାରୋପ ଯଥାର୍ଥ ନୁହେଁ । ଭାରତବର୍ଷର ନାରୀମାନଙ୍କ ସ୍ୱ-ଇଚ୍ଛାରେ ଭଗବାନଙ୍କ ବିଧାନ ଅନୁସାରେ ପାତିବ୍ରତ୍ୟଧର୍ମ ପାଳନ କରିବା ସକାଶେ ନିଜ ପତିଙ୍କୁ ଭଗବାନଙ୍କ ସ୍ୱରୂପ ଜାଣି ଭଗବାନଙ୍କ ରୂପେ ପୂଜା କରି, ତାଙ୍କ ଆଜ୍ଞା ପାଳନ କରି, ତାଙ୍କ ସେବା ସକାଶେ ଘରକୋଣରେ ରହିଥିଲେ ।

ଯଦ୍ୟପି ଅଳ୍ପ ନାରୀ ଯୁଗ-ପରିବର୍ତ୍ତନର ସନ୍ଧିକ୍ଷଣ ଏବଂ ପ୍ରଚଳିତ ସଭ୍ୟତାର ପ୍ରଭାବରେ ଏପରି ଧାରଣା କରିଅଛନ୍ତି ତଥାପି ଘୋର ଦୁର୍ନୀତି, ନୈତିକତାର ପୂର୍ଣ୍ଣ ପତନ ଅବସ୍ଥାରେ ବି ନାରୀମାନଙ୍କର ପ୍ରାତିବ୍ରତ୍ୟସଂସ୍କାର ସେମାନଙ୍କର ଚେତନାରେ ବିଦ୍ୟମାନ ଅଛି । ପାତିବ୍ରତ୍ୟ ଧର୍ମର ବିରୋଧାଚରଣକୁ ସେମାନେ ଘୃଣା କରୁଅଛନ୍ତି । କେତେକ ନାରୀ ଅତିମାନସ ରୂପାନ୍ତରକାରିଣୀ ସତ୍ୟରେ ପ୍ରଭାବିତ ହୋଇ ସେହି ସତ୍ୟକୁ ଗ୍ରହଣ କରି, ଆଚରଣ କରି ବିବାହ ନ କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରୁଅଛନ୍ତି । ସଂସାର ପ୍ରସାରଣ, ସଂସାରରେ ଧର୍ମ ପ୍ରତିଷ୍ଠା କାର୍ଯ୍ୟରେ ନାରୀମାନଙ୍କର ପ୍ରଧାନ ଭୂମିକା ସଂସାର ସର୍ଜନା ହେବା ଦିନରୁ ଚାଲି ଆସୁଅଛି । ଭାରତ ବର୍ଷର ନାରୀମାନଙ୍କ ପାତିବ୍ରତ୍ୟଧର୍ମ ଯୋଗୁଁ ଭଗବାନ୍ ଭାରତ ବର୍ଷକୁ ଅଧ୍ୟାତ୍ମ କେନ୍ଦ୍ର ରୂପେ ବାଛି ଅଛନ୍ତି । ଅତିମାନସ ସତ୍ୟର କେନ୍ଦ୍ର ହେବ ଭାରତ ବର୍ଷ । ଭାରତବର୍ଷରୁହିଁ ଆଧ୍ୟାତ୍ମିକତାର ପ୍ରସାର ହେବ ସମଗ୍ର ପୃଥିବୀରେ ।

ପ୍ରଶ୍ନ : ପାଠଚକ୍ର ଦ୍ୱାରା ନାରୀମାନେ ପୃଥିବୀରେ ଅତିମାନସ ସତ୍ୟ ପ୍ରସାର କାର୍ଯ୍ୟ ଏବଂ ଗୃହରେ ଶାନ୍ତି ଓ ସାମଞ୍ଜସ୍ୟର ପ୍ରତିଷ୍ଠା କିପରି କରିବେ ?

ଉତ୍ତର : ଗୃହରେ ଅଥବା ଗ୍ରାମରେ ମହିଳା ପାଠଚକ୍ର ଦ୍ୱାରା ନାରୀମାନେ ଜୀବନର ଲକ୍ଷ୍ୟ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ବୋଲି ଦୃଢ଼ ଭାବେ ଗ୍ରହଣ କରିବେ । ଲକ୍ଷ୍ୟ ପ୍ରାପ୍ତିର ସାଧନା ମନୋଭାବରେ ଗୃହର ସମସ୍ତ କାର୍ଯ୍ୟ ମା'ଙ୍କ ସେବା ରୂପେ କରି ମା'ଙ୍କୁ ସମର୍ପଣ କରିବେ । ଏପରି କଲେ ଗୃହରେ ବାଦ-ବିବାଦ, କଳହ ହେବ ନାହିଁ ।

ଯେପରି ସାଧାରଣ ପାଠଚକ୍ର ହେଉଛି ସେହିପରି ମହିଳା ପାଠଚକ୍ର, ଗ୍ରାମ, ଅଞ୍ଚଳ, ଜିଲ୍ଲା, ପ୍ରଦେଶରେ ପ୍ରସାର କରିବାକୁ ଚେଷ୍ଟା କରିବେ । ପୂର୍ବେ ଆଲୋଚନା ହୋଇଛି ''ଭଗବାନ୍ ଏକ ଥିଲେ । ସୃଷ୍ଟି କରିବା ସକାଶେ ସ୍ୱୟଂ ସଂକଳ୍ପ କରି ସ୍ୱୟଂ ଭଗବାନ୍ ଈଶ୍ୱର ଏବଂ ଶକ୍ତି ରୂପେ ପ୍ରକଟ ହେଲେ । ଭଗବାନ୍ ନିଜ ଶକ୍ତି ଦ୍ୱାରା ସ୍ୱୟଂ ସୃଷ୍ଟି ରୂପେ ପ୍ରକଟ ହେଲେ । ଗୋଟିଏ ହେଲେ ଭଗବତ୍ ଦିବ୍ୟଧାମ ପରାର୍ଦ୍ଧ ଏବଂ ଅନ୍ୟଟି ହେଲେ ଏହି ମୃତ୍ୟୁପୁରୀ ଅପରାର୍ଦ୍ଧ । ପରାର୍ଦ୍ଧର ବିକୃତ ରୂପ ଅର୍ଥାତ୍ ଭଗବତ୍ ଦିବ୍ୟଧାମ ସାକେତ, ଗୋଲୋକ, ବୈକୁଣ୍ଠ, ସଚ୍ଚିଦାନନ୍ଦ ଧାମରେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟ ଅଜ୍ଞାନର ଚିହ୍ନବର୍ଣ୍ଣ ରହିଲା ନାହିଁ । ଭଗବତ୍ ଦିବ୍ୟାନନ୍ଦ, ଦିବ୍ୟଶାନ୍ତି, ଦିବ୍ୟଜ୍ଞାନ ଭଗବାନଙ୍କ ଉପସ୍ଥିତି ପ୍ରତ୍ୟକ୍ଷ ଭାବେ ବିଦ୍ୟମାନ ରହିଲା ।

ପରାର୍ଦ୍ଧର ଠିକ୍ ବିପରୀତ ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ କଷ୍ଟ ଜନ୍ମ ମରଣ ହେଲା ଏହି ମୃତ୍ୟୁପୁରୀରେ । ଭଗବାନଙ୍କ ଛଡ଼ା ଅନ୍ୟ କିଛି ନ ଥିଲା । ସେହି ଭଗବାନ୍ ପରାର୍ଦ୍ଧରେ ଦିବ୍ୟରୂପେ ପ୍ରକଟ ହୋଇ ରହିଲେ । ସେହି ଭଗବାନ ବିକୃତ ରୂପେ ଅପରାର୍ଦ୍ଧ ମୃତ୍ୟୁପୁରୀରେ ପ୍ରକଟ ହେଲେ । ଏହି ବିଷୟ ପୂର୍ବେ ଆଲୋଚିତ ହୋଇଛି ।

ପାଠଚକ୍ରରେ ଆଲୋଚନା ହେବା ଦ୍ୱାରା ମହିଳାମାନେ ବୁଝିପାରିବେ ଭଗବାନଙ୍କ ନିଜ ସଂକଳ୍ପରୁ ଭଗବତ୍ ଦିବ୍ୟତାର ବିକୃତ ରୂପ ଦୁଃଖ କଷ୍ଟ ପୂର୍ଣ୍ଣ ସଂସାର ଭଗବାନ୍ ସ୍ୱୟଂ ହୋଇ ଅଛନ୍ତି । ଦୃଶ୍ୟମାନ ବିକୃତ ରୂପର ପଶ୍ଚାତରେ ଅଦୃଶ୍ୟ ରୂପେ ଭଗବାନ୍ ବିଦ୍ୟମାନ ଅଛନ୍ତି । ଭଗବାନଙ୍କ ବିଧାନ ଅନୁସାରେ କ୍ରମବିକାଶ ପଦ୍ଧତିରେ ଏହି ମୃତ୍ୟୁପୁରୀ ଯେଉଁ ଦିବ୍ୟତାରୁ ଆସିଛି ସେହି ଦିବ୍ୟତାରେ ପହଞ୍ଚିବ । ଗୃହ, ପରିବାର, ସମ୍ପତ୍ତିସବୁ ଭଗବାନଙ୍କର । ଆମକୁ ଭଗବାନ୍ ସୃଷ୍ଟି କରିଛନ୍ତି ସେହି ଦିବ୍ୟତାରେ ପହଞ୍ଚିବାର ସେବା କାର୍ଯ୍ୟ କରିବା ସକାଶେ । ସମସ୍ତ କିଛି ଭଗବାନଙ୍କର ବିକୃତ ରୂପ — ଗୃହ, ପରିବାର ଏବଂ ଏହି ଶରୀର । ଏହି ଜ୍ଞାନ ପ୍ରାପ୍ତ କରି ଲକ୍ଷ୍ୟପ୍ରାପ୍ତିର ସାଧନା ରୂପେ ନିଜ ସ୍ନାନ, ଭୋଜନ ଇତ୍ୟାଦି ମା'ଙ୍କୁ ସମର୍ପଣ କରିବେ । ପତି ସେବା, ପୁଅ ଝିଅଙ୍କୁ ପାଳନ ପୋଷଣ କରିବା, ପଢ଼ାଇବା, ଉତ୍ତମ ଗୁଣ,

ସଚ୍ଚରିତ୍ର ଗଠନ ସକାଶେ ଚେଷ୍ଟା କରିବା, ଏହା ମା'ଙ୍କ ସେବା, ପରିବାରର ଅନ୍ୟ ପ୍ରାଣୀ ମଧ୍ୟ ସେହି ଭଗବାନଙ୍କର ବିକୃତ ରୂପ । ନିଜ ପୁତ୍ର କନ୍ୟା ନିଜର, ଅନ୍ୟମାନେ ଅନ୍ୟର ଏହା ଅଜ୍ଞାନ । ଏହି ବିଚାର ଆଣି ଗୃହର ସମସ୍ତ କର୍ମ ପ୍ରସନ୍ନତାରେ, ଆନନ୍ଦରେ, ଉତ୍ସାହରେ କରି ମା'ଙ୍କୁ ସମର୍ପଣ କରିବେ । ସମର୍ପଣ ଭାବରେ କର୍ମ କଲେ ନିଜକୁ ଆନନ୍ଦ ମିଳିବ ଏବଂ କର୍ମ କରିବାର ଶକ୍ତି ସ୍ୱତଃସ୍ଫୂର୍ତ୍ତ ପ୍ରାପ୍ତ ହେବ । ଏହି କାରଣରୁ ଗୃହରେ ବାଦବିବାଦ କରିବେ ନାହିଁ । ଗୃହର ଜଣେ ମହିଳା ଏହିପରି ଆଚରଣ କଲେ ଅନ୍ୟମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ପରିବର୍ତ୍ତିତ ହେବେ । ଏପରି ନାରୀମାନଙ୍କ ଗର୍ଭରେ ଯେଉଁ ସନ୍ତାନ ଆସିବେ ସେମାନଙ୍କର ସ୍ୱାଭାବିକ ରୂପେ ଉତ୍ତମ ସଂସ୍କାର ହେବ । ସନ୍ତାନ ମା' ଗର୍ଭରେ ରହିବା, ମା'ର କ୍ଷୀର ପାନ କରିବା, ମା' ଦ୍ୱାରା ଲାଳିତ ପାଳିତ ହେବା ଯୋଗୁଁ ମା'ର ଆଚରଣ ସନ୍ତାନମାନଙ୍କର ସଂସ୍କାରରେ ପରିଣତ ହେବ । ପିତାର ଆଚରଣର ପ୍ରଭାବ ସନ୍ତାନମାନଙ୍କ ଉପରେ ଯେତେ ପଡ଼େ, ତା' ଅପେକ୍ଷା ବହୁଗୁଣେ ମା'ର ଆଚରଣର ପ୍ରଭାବ ସନ୍ତାନମାନଙ୍କ ଉପରେ ପଡ଼େ । ମା' ଶ୍ରୀମାଙ୍କ ଉପରେ ବିଶ୍ୱାସ ଭରସା ରଖି ଯେପରି ସଦ୍‌ଗୁଣଯୁକ୍ତ ମା'ଙ୍କ ଭକ୍ତ ସନ୍ତାନ ଚାହିଁବ, ସେହିପରି ସନ୍ତାନ ମାତା ଗର୍ଭକୁ ଆସିବ । ଭାଗବତରେ ରାଣୀ ମଦାଳସାଙ୍କ ଚରିତ୍ରରୁ ଏହା ସ୍ପଷ୍ଟ ବୁଝି ପାରିବେ । ରାଣୀ ମଦାଳସା ପ୍ରତିଜ୍ଞା କରିଥିଲେ ମୋ ଗର୍ଭରେ ଯେଉଁ ସନ୍ତାନ ଆସିବ ସେ ଭଗବତ୍ ପ୍ରାପ୍ତି କରିବ, ଜନ୍ମ-ମରଣରୁ ମୁକ୍ତ ହୋଇ ଅନ୍ୟ ମା'ର ଗର୍ଭକୁ ଯିବ ନାହିଁ । ତାଙ୍କର ପ୍ରତିଜ୍ଞା ଥିଲା, ଯେଉଁ ରାଜା ଏକପତ୍ନୀବ୍ରତ ପାଳନ କରିବେ ଏବଂ ଯେଉଁ ସନ୍ତାନ ହେବ ସେ ବାରବର୍ଷ ପର୍ଯ୍ୟନ୍ତ ମା' ପାଖରେ ରହିବ, ସେହି ରାଜାଙ୍କୁ ସେ ବିବାହ କରିବେ । ଏହି ପ୍ରତିଜ୍ଞା ଜଣେ ରାଜା ସ୍ୱୀକାର କରିବାରୁ ସେ ତାଙ୍କୁ ବିବାହ କଲେ । ସେହି ପ୍ରତିଜ୍ଞା ଅନୁସାରେ ସବୁ ସନ୍ତାନମାନଙ୍କୁ ନିଜ ପାଖରେ ରଖି ବାରବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ଅଧ୍ୟାତ୍ମ ଶିକ୍ଷାଦେଲେ । ମା'ର ଆଚରଣ ତଥା ଶିକ୍ଷା ପ୍ରଭାବରୁ ସେମାନଙ୍କ ସଂସ୍କାର ଆଧ୍ୟାତ୍ମିକତାରେ ପରିଣତ ହୋଇଗଲା । ଜୀବନର ଏକମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି । ସଂସାର ଅଜ୍ଞାନ ମୋହ ମାୟା ଜାଣି ସେମାନେ ବାରବର୍ଷ ବୟସରେ ମାତା ପାଖରୁ ବିଦାୟ ନେଇ ପିତାଙ୍କୁ ପ୍ରଣାମ କରି ଜଙ୍ଗଲରେ ତପସ୍ୟା କରି ଭଗବତ୍ ପ୍ରାପ୍ତି କରି ଜନ୍ମ-ମରଣରୁ ମୁକ୍ତ ହୋଇଥିଲେ । ଭାଗବତରେ ବହୁତ ବିସ୍ତାର ସହିତ ଏହିକଥା ବର୍ଣ୍ଣିତ ହୋଇଅଛି । ଏଠାରେ ବହୁତ ସଂକ୍ଷେପରେ ଆଲୋଚନା କରାଗଲା ।

ନାରୀମାନଙ୍କ ଆଚରଣ ପ୍ରଭାବ ଅଧିକ ସନ୍ତାନମାନଙ୍କ ଉପରେ ତଥା ପରିବାର ଉପରେ ପଡୁଥିବାରୁ ପୃଥିବୀରେ ଅତିମାନବ ଜାତି, ଅତିମାନସ ସତ୍ୟ ପ୍ରତିଷ୍ଠିତ ହେବା, ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବାରେ ନାରୀମାନଙ୍କ ବିଶେଷ ଭୂମିକା ରହି ଅଛି ।

ପ୍ରଶ୍ନ : ପୁରୁଷମାନେ ଅତିମାନସ ସତ୍ୟର ରହସ୍ୟ ବୁଝିପାରିଲେ ସେମାନେ ଅନ୍ୟ ଗ୍ରାମ, ଅନ୍ୟ ଅଞ୍ଚଳକୁ, ଜିଲ୍ଲାମାନଙ୍କୁ ଯାଇ ପାଠଚକ୍ର ମାଧ୍ୟମରେ ମିଟିଂ କରାଇବେ । ଭିନ୍ନ ଭିନ୍ନ ସ୍ଥାନରେ ସେମିନାର କରାଇବେ, କ୍ୟାମ୍ପ କରାଇବେ । ସେହିସବୁ ଅନୁଷ୍ଠାନ ଦ୍ୱାରା ପାଠଚକ୍ରର ପ୍ରସାର ହେବ । ମହିଳାମାନଙ୍କ ପାଠଚକ୍ରର ପ୍ରସାର ସକାଶେ କ'ଣ ମହିଳାମାନେ ବାହାରକୁ ଯାଇପାରିବେ ?

ଉତ୍ତର : ମହିଳାମାନଙ୍କ ପାଠଚକ୍ରର ପ୍ରସାରର ଆରମ୍ଭିକ ଅବସ୍ଥାରେ ନାରୀମାନେ ବାହାରକୁ ନ ଯାଇପାରନ୍ତି । କିନ୍ତୁ ଯେଉଁ ପୁରୁଷ ସଙ୍ଗଠକମାନେ ପାଠଚକ୍ରର ପ୍ରସାର କାର୍ଯ୍ୟ କରିବେ ସେହି ସଙ୍ଗଠକମାନେ ମହିଳାମାନଙ୍କ ପାଠଚକ୍ରର ପ୍ରସାର କାର୍ଯ୍ୟ କରିବେ । ଅର୍ଥାତ୍ ଭିନ୍ନ ଭିନ୍ନ ଗ୍ରାମରେ ମହିଳାମାନଙ୍କ ପାଠଚକ୍ରର ପ୍ରତିଷ୍ଠା କରାଇବେ । ଯଥାର୍ଥରେ ଉଭୟ ପାଠଚକ୍ରର କାର୍ଯ୍ୟ ଏବଂ ଉଦ୍ଦେଶ୍ୟ ଏକ । ମହିଳାମାନଙ୍କ ପାଠଚକ୍ରର ପ୍ରସାର, ମହିଳାମାନଙ୍କ ମିଟିଂ, ସେମିନାର୍, କ୍ୟାମ୍ପରେ ସାଧାରଣ ପାଠଚକ୍ରର କର୍ମୀମାନେ ପୂର୍ଣ୍ଣରୂପେ ସାହାଯ୍ୟ କରିବେ । ଏହି ଆଦର୍ଶ-ପ୍ରଚାର ସାଧନାରେ ପୂର୍ଣ୍ଣରୂପେ ସାହାଯ୍ୟ କରୁଥିବାରୁ ପ୍ରତ୍ୟେକ ପାଠଚକ୍ର ଅନ୍ୟ ପାଠଚକ୍ରର ସହାୟକ । ଯଥାର୍ଥରେ ସାଧାରଣ ପାଠଚକ୍ରଠାରୁ ମହିଳା ପାଠଚକ୍ର ଭିନ୍ନ ନୁହେଁ, ସାଧାରଣ ପାଠଚକ୍ରର ବିସ୍ତୃତ ରୂପ ।

ପ୍ରଶ୍ନ : କେଉଁ ପ୍ରଣାଳୀରେ ପାଠଚକ୍ରର ବିସ୍ତାର ହୋଇପାରିବ ?

ଉତ୍ତର : ବର୍ତ୍ତମାନ ଯେଉଁମାନେ ପାଠଚକ୍ର କରୁଛନ୍ତି, ସେମାନେ ନିଜ ବନ୍ଧୁବାନ୍ଧବ, ପଡ଼ୋଶୀ, ସମ୍ବନ୍ଧିତ

ବ୍ୟକ୍ତିମାନଙ୍କୁ ରୂପାନ୍ତର ଯୋଗରେ ନାମଜପ, ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ, ଗାର୍ହସ୍ଥ୍ୟ ଧର୍ମ, ଦିବ୍ୟଯୁଗ ସ୍ଥାପନରେ ନାରୀ, ସମର୍ପଣ ଓ ବାଧାବିଘ୍ନ, ଦେବମୁହୂର୍ତ୍ତ, ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା ବହି ପଢ଼ିବାକୁ ପ୍ରେରଣା ଦିଅନ୍ତୁ । ନିଜ ପାଠଚକ୍ରରେ ମିଟିଂ କରାଇ ଅନ୍ୟମାନଙ୍କୁ ଡାକନ୍ତୁ । ଯୋଗ ଗ୍ରହଣ ଦ୍ୱାରା ସଂସାର ଜୀବନ ଉନ୍ନତି, ଗୃହରେ ଶାନ୍ତି ପ୍ରତିଷ୍ଠା, ଭଗବତ ମାର୍ଗରେ ଅଗ୍ରଗତି ହେବା, ଏହି ବିଷୟ ଭଲ ଭାବରେ ବୁଝେଇ ଦିଅନ୍ତୁ ।

ପ୍ରଧାନ ପାଠଚକ୍ରମାନଙ୍କରେ ଏହିପରି ମିଟିଂ କରିବା ଓ ସମ୍ବନ୍ଧିତ ବ୍ୟକ୍ତିମାନଙ୍କୁ ପ୍ରେରଣା ଦେବା ଦ୍ୱାରା ପାଠଚକ୍ରର ପ୍ରସାର ହେବ । କେତେକ ପାଠଚକ୍ର ହେଲେ ସେସବୁ ପାଠଚକ୍ର ମଧ୍ୟରୁ କେହି କେହି କର୍ମୀ ବାହାରିବେ । ସେହି କର୍ମୀମାନେ ନିଜ ଅଞ୍ଚଳ, ଜିଲ୍ଲାମାନଙ୍କୁ ଯାଇ ପାଠଚକ୍ର ହେଉଥିବା ଗ୍ରାମମାନଙ୍କରେ ମିଟିଂ କରାଇବେ ଏବଂ ପାଠଚକ୍ର, ମହିଳା ପାଠଚକ୍ର କରିବାକୁ ପ୍ରେରଣା ଦେବେ । କେହି କେହି କର୍ମୀ ବିଭିନ୍ନ ଜିଲ୍ଲାରେ ପାଠଚକ୍ର ଏବଂ ମହିଳାମାନଙ୍କ ପାଠଚକ୍ର କରାଇବେ । ପାଠଚକ୍ର ଏବଂ ମହିଳା ପାଠଚକ୍ରର ପ୍ରସାର ଅନୁପାତରେ କର୍ମୀ, ସଙ୍ଗଠକ ମଧ୍ୟ ବାହାରିବେ । ସଙ୍ଗଠକମାନଙ୍କ ମଧ୍ୟରେ କେହି ପ୍ରେସିଡେଣ୍ଟ ସେକ୍ରେଟେରି ହେବେ ନାହିଁ । ପାଠଚକ୍ର ଆଶ୍ରମର କିଂବା ନବଜ୍ୟୋତି କାର୍ଯ୍ୟାଳୟର ବ୍ରାଞ୍ଚ ଅଥବା ଶାଖା ହେବେ ନାହିଁ । ସବୁ ପାଠଚକ୍ର ସ୍ୱତନ୍ତ୍ର ରହିବେ କିନ୍ତୁ ଘନିଷ୍ଠ ଅଧ୍ୟାତ୍ମ ସମ୍ବନ୍ଧ ରହିବ ପରସ୍ପର ମଧ୍ୟରେ । ପ୍ରତ୍ୟେକ ପାଠଚକ୍ର ପ୍ରତ୍ୟେକ ପାଠଚକ୍ରର ଉନ୍ନତି ଚାହିଁବେ ଏବଂ ଉନ୍ନତି ସକାଶେ କାର୍ଯ୍ୟ କରିବେ । ନୂତନ ପାଠଚକ୍ର ହେଲେ ପାଠଚକ୍ର ସକାଶେ ମା'ଙ୍କ ଆଶୀର୍ବାଦ (Blessings) ନବଜ୍ୟୋତି କାର୍ଯ୍ୟାଳୟରୁ ମଗେଇ ପାରିବେ । ସ୍ୱ-ଇଚ୍ଛାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଯେଉଁ ସଙ୍ଗଠକମାନେ ପାଠଚକ୍ର ପ୍ରସାର କାର୍ଯ୍ୟ କରିବେ ସେମାନଙ୍କ ମିଳିତ ମିଟିଂ ବର୍ଷକରେ ଥରେ କୌଣସି ବିଶିଷ୍ଟ ସ୍ଥାନରେ ଏକତ୍ରିତ ହୋଇ କରିପାରିବେ ଅଥବା ଶ୍ରୀଅଯୋଧ୍ୟା ଶ୍ରୀଅରବିନ୍ଦାଳୟରେ ମାର୍ଚ୍ଚ ୨୯ ଉତ୍ସବରେ ଏକତ୍ର ହୋଇ ୨୮-୨୯ ଦୁଇ ଦିନ ମିଟିଂ କରାଇ ପାରିବେ । କେଉଁ ଜିଲ୍ଲାରେ କେଉଁ ଅଞ୍ଚଳରେ କେତେ ପାଠଚକ୍ର ହେଲା, ନୂତନ ପାଠଚକ୍ର, ମହିଳା ପାଠଚକ୍ର ହେବାରେ ସୁବିଧା ଅସୁବିଧା ହେଉଛି କହିବେ । ସବୁ ସଙ୍ଗଠକ ବସି ପାଠଚକ୍ରର ପ୍ରସାର ହେବାରେ କ'ଣ ନୂତନ କାର୍ଯ୍ୟ କରିବାକୁ ହେବ ବିଚାର କରି ଠିକ୍ କରିବେ । ପାଠଚକ୍ରର ବିସ୍ତାର ହେଲେ ଗ୍ରାମର ଝିଅମାନେ ମା'ଙ୍କ ଭକ୍ତ ହେବେ । ଏପରି ପରିସ୍ଥିତି ଆସିଲେ ପାଠଚକ୍ରର ବ୍ୟକ୍ତିମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା କରିବେ । ସେହି ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ରୂପାନ୍ତର ଯୋଗର ଆଦର୍ଶ ଅନୁସାରେ ସେମାନଙ୍କ ମନ, ପ୍ରାଣ, ଶରୀର ଏବଂ ଆତ୍ମାର ବିକାଶ ସକାଶେ ଶିକ୍ଷା ଦିଆହେବ । ସେହି ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଜୀବନ ବିକାଶର ଆଧାର ବା ଭିତ୍ତି ହେବ ଅଧ୍ୟାତ୍ମ ଅତିମାନସ ସତ୍ୟ । ପୂର୍ଣ୍ଣାଙ୍ଗ ଶିକ୍ଷାପ୍ରାପ୍ତ ଛାତ୍ରଛାତ୍ରୀମାନେ ସମାଜରେ ଯେତେ ପରିମାଣରେ କର୍ମ କରିବେ, ପାଠଚକ୍ର ଦ୍ୱାରା ଯେତେ ଅଧିକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗ ଗ୍ରହଣ କରିବେ ଏବଂ ଆଚରଣ କରିବେ ସେହି ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେବାକୁ ଲାଗିବ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ-ଶିକ୍ଷୟିତ୍ରୀ ହେବେ ଶ୍ରୀମାଙ୍କ ଭକ୍ତ । ପାଠଚକ୍ର ବହୁ ସଂଖ୍ୟାରେ ହେଲେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇପାରିବ । ଏହାର ବିସ୍ତାର ହେବାପରେ କୌଣସି କୌଣସି ବିଶିଷ୍ଟ ସ୍ଥାନରେ ଶ୍ରଦ୍ଧାଳୁ ଉତ୍ସାହୀ ଭକ୍ତମାନେ ଶ୍ରୀଅରବିନ୍ଦଙ୍କ ରେଲିକ୍ସ୍ ମନ୍ଦିର ପ୍ରତିଷ୍ଠା କରିପାରିବେ । ଯେପରି ଶ୍ରୀଅଯୋଧ୍ୟାରେ ଶ୍ରୀଅରବିନ୍ଦ ସାଧନାଳୟରେ ଶ୍ରୀଅରବିନ୍ଦଙ୍କ ରେଲିକ୍ସ୍ ପ୍ରତିଷ୍ଠିତ ହୋଇଅଛି ।

ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗର ପ୍ରସାର ଛଡ଼ା ଅନ୍ୟ କୌଣସି ଉପାୟରେ ସଂସାରରୁ ଅନ୍ୟାୟ ଅସତ୍ୟ ମିଥ୍ୟାଚାର ଦୂର ହେବ ନାହିଁ । ଏହି ସତ୍ୟ ଗ୍ରହଣ କରିବାର ଦେବ ମୁହୂର୍ତ୍ତ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଅଛି । ଓଡ଼ିଶାରେ ୧୯୮୯ ଅକ୍‌ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ପାଠଚକ୍ର ଚାରିହଜାରରୁ ଅଧିକ, ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ୧୧୦, ରେଲିକ୍ସ୍ ମନ୍ଦିର ୨୬ଟି ପ୍ରତିଷ୍ଠିତ ହୋଇ ଅଛି । ପ୍ରତିମାସରେ, ପ୍ରତି ବର୍ଷରେ ଏସବୁର ବୃଦ୍ଧି ହୋଇ ଚାଲୁଅଛି ।

ପ୍ରଶ୍ନ : କହିଲେ ଯେ ମୃତ୍ୟୁପୁରୀରେ ଭଗବାନ୍ ବିକୃତ ହୋଇ ଦୃଶ୍ୟମାନ ବସ୍ତୁ ତଥା ପଶୁପକ୍ଷୀ ଏବଂ ମନୁଷ୍ୟରୂପେ ପ୍ରକଟ ହେଲେ । ତେବେ ସଂସାରରେ ଜୀବଜନ୍ତୁ ପଶୁପକ୍ଷୀ ମନୁଷ୍ୟଙ୍କୁ ଯେଉଁ ଦୁଃଖ-କଷ୍ଟ ହେଉଛି ଭଗବାନଙ୍କୁ ତାହା ଭୋଗିବାକୁ ପଡୁଥିବ ?

ଉତ୍ତର : ଭଗବାନ୍ ପରମ ଦିବ୍ୟ, ଦୁଃଖ-କଷ୍ଟ ଅଦିବ୍ୟ । ଦିବ୍ୟ ପାଖକୁ ଅଦିବ୍ୟ ଯାଇପାରିବ କିପରି ? ସୂର୍ଯ୍ୟ ସାମ୍ନାରେ ଅନ୍ଧକାର ରହିବା ଏକେବାରେ ଅସମ୍ଭବ । ଏହି ଅସମ୍ଭବ ସମ୍ଭବ ହୋଇପାରେ କିନ୍ତୁ ପରମ ଦିବ୍ୟ ଭଗବାନଙ୍କ ପାଖକୁ ଅଦିବ୍ୟ ଦୁଃଖ-କଷ୍ଟ କଦାପି ଯାଇପାରେ ନାହିଁ ।

ଭଗବାନ୍ ଏକ ଥିଲେ । ସେହିଁ ସୃଷ୍ଟି ରୂପେ ପ୍ରକାଶ ହୋଇଛନ୍ତି । ଏହି ଅପରାର୍ଦ୍ଧ ମୃତ୍ୟୁପୁରୀ ଅଦିବ୍ୟ ହେବାରୁ ତାଙ୍କଠାରୁ ପୃଥକ୍ ହୋଇଗଲା । ମୃତ୍ୟୁପୁରୀ ଏବଂ ମୃତ୍ୟୁପୁରୀର ସକଳ ଦୃଶ୍ୟମାନ ଜୀବଜନ୍ତୁ, ପଶୁପକ୍ଷୀ ମନୁଷ୍ୟ ସବୁ ଦିବ୍ୟରୁ ଅଦିବ୍ୟ ହେବାରୁ ସ୍ୱାଭାବିକ-ରୂପେ ଭଗବାନଙ୍କଠାରୁ ପୃଥକ୍ ହେଲେ, ଦୁଃଖ-କଷ୍ଟ ନିଜେ ନିଜେ ଭୋଗିଲେ । ଯେତେବେଳେ ମନୁଷ୍ୟର ପୂର୍ଣ୍ଣ ରୂପାନ୍ତର ହେବ, ସେତେବେଳେ ସେ ଦିବ୍ୟ ହେବ । ପୂର୍ଣ୍ଣ ରୂପେ ଅଜ୍ଞାନ, ଦୁଃଖ-କଷ୍ଟରୁ ମୁକ୍ତ ହେବ, ଭଗବତ୍ ପରମାନନ୍ଦରେ ବାସ କରିବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଦିବ୍ୟଜୀବନ ଗ୍ରନ୍ଥ (The Life Divine) ଦର୍ଶନଶାସ୍ତ୍ର ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାର ମା' (The Mother) ବହି ସାଧନାର ଚାବି ସଦୃଶ; ଏହିସବୁ ଗ୍ରନ୍ଥରେ ନାମଜପ ସମ୍ବନ୍ଧେ ଚର୍ଚ୍ଚା କେଉଁଠି ହୋଇ ନାହିଁ । ଏହି ଦେବମୁହୂର୍ତ୍ତ ବହି ପ୍ରଶ୍ନ ଉତ୍ତରରେ ଯେଉଁଠାରେ ସାଧନା ଆଲୋଚନା ହୋଇଛି ସେହି ସାଧନାରେ ନାମଜପକୁ ଶ୍ରେଷ୍ଠ ସ୍ଥାନ ଦିଆ ହୋଇଛି । ଏହାର ଯଥାର୍ଥ ରହସ୍ୟ କ'ଣ ?

ଉତ୍ତର : ଶରୀର ରୂପାନ୍ତର ସକାଶେ ନାମଜପ ଅନିବାର୍ଯ୍ୟ ''ମୁଁ ଦଶ ବର୍ଷର ସାଧନା ନାମଜପ ଦ୍ୱାରା ଅଳ୍ପମାସ ମଧ୍ୟରେ କରିପାରିଛି ''– ଏହା ଶ୍ରୀମା କହି ଅଛନ୍ତି । ଶ୍ରୀଅରବିନ୍ଦଙ୍କ ପତ୍ରାବଳି ଗ୍ରନ୍ଥରେ ସ୍ୱୟଂ ଶ୍ରୀଅରବିନ୍ଦ କହିଛନ୍ତି ''ଏ ଯୋଗର ମନ୍ତ୍ର ମା' ଏହି ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ ।'' ସାବିତ୍ରୀ ଗ୍ରନ୍ଥରେ ଶ୍ରୀଅରବିନ୍ଦ କହିଛନ୍ତି ଅବଚେତନାରେ ପ୍ରବେଶ କଲେ ସେଠାରେ (Great Name) ଅର୍ଥାତ୍ ମା' ନାମ ଜପ ଅବଲମ୍ବନ ଛଡ଼ା ଅନ୍ୟ ଉପାୟ ନାହିଁ ।

ନାମଜପ ବିଷୟରେ ''ରୂପାନ୍ତର ଯୋଗରେ ନାମଜପ'' ବହିରେ ଆଲୋଚନା କରାହୋଇଛି । ସେହି ବହି ପଢ଼ିଲେ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ପାଇବେ । ସେ ବହି ପଢ଼ିବା ଏକାନ୍ତ ଆବଶ୍ୟକ, ସାଧନା ସକାଶେ ବହୁତ ଉପଯୋଗୀ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା ବିଷୟ ପ୍ରଶ୍ନ ଉତ୍ତରରେ ଶ୍ରୀମା କେଇ ପ୍ରକାର ସାଧନା କହି ଅଛନ୍ତି, ଶ୍ରୀଅରବିନ୍ଦ ବି ସାଧକମାନଙ୍କ ଚିଠିର ଉତ୍ତରରେ ଭିନ୍ନ ଭିନ୍ନ ସାଧନା କହି ଅଛନ୍ତି । ତେବେ ଆମେ କେଉଁ ସାଧନାକୁ ଗ୍ରହଣ କରିବୁ ।

ଉତ୍ତର : ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ସିଦ୍ଧିର ସାଧନା ହେଉଛି : ଅଭୀପ୍ସା (ଚାହିଁବା), ସମର୍ପଣ, ପ୍ରତିକୂଳ ବିଚାର, କର୍ମର ତ୍ୟାଗ, ନାମଜପ ଏବଂ ମା' ସର୍ବଦା ମୋ ସଙ୍ଗେ ରହି ରକ୍ଷା କରୁଛନ୍ତି ଏହି ବିଶ୍ୱାସ, ଏହି ସବୁ ସାଧନା ଆରମ୍ଭରୁ ଲକ୍ଷ୍ୟ ସିଦ୍ଧି ପର୍ଯ୍ୟନ୍ତ ଚାଲିବ । ସାଧକମାନଙ୍କ ପ୍ରଶ୍ନ ଉତ୍ତରରେ, ସେମାନଙ୍କ ଚିଠିର ଉତ୍ତରରେ ଶ୍ରୀମା, ଶ୍ରୀଅରବିନ୍ଦ ସାଧନାପ୍ରଣାଳୀ ଯଦ୍ୟପି ଭିନ୍ନ ଭିନ୍ନ କହିଛନ୍ତି, ତଥାପି ତାହା ସାଧନା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚାଲିବ ନାହିଁ ।

ସାଧକର ରୁଚି, ସ୍ୱଭାବ ଅନୁସାରେ ସେ ସାଧନାର ଆରମ୍ଭରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ଭିନ୍ନ ଭିନ୍ନ ସାଧନା କରିପାରନ୍ତି । କିନ୍ତୁ ଆରମ୍ଭରେ ବି ସମର୍ପଣ, ଅଭୀପ୍ସା, ତ୍ୟାଗକୁ ନେଇ ଚାଲିବାକୁ ହେବ । ସାଧନାରେ କିଛି ଦୂର ଅଗ୍ରସର ହେବା ପରେ ଅନ୍ୟାନ୍ୟ ସାଧନା ରହିବେ ନାହିଁ । ଶେଷ ପର୍ଯ୍ୟନ୍ତ ରହିବ ସମର୍ପଣ, ଅଭୀପ୍ସା ଏବଂ ତ୍ୟାଗ । ଏହା ସହିତ ନାମଜପ ଏବଂ ମା'ଙ୍କ ଉପରେ ବିଶ୍ୱାସ ଆବଶ୍ୟକ । ରୂପାନ୍ତର କାର୍ଯ୍ୟ କରିବ ଅତିମାନସ ଭାଗବତୀ ଶକ୍ତି । ଭାଗବତୀ ଶକ୍ତି ରୂପାନ୍ତର କ୍ରିୟା କରିବ ସମର୍ପଣ, ଅଭୀପ୍ସା, ତ୍ୟାଗ ଦ୍ୱାରା । ସାଧନା ଆରମ୍ଭରୁ ମନ, ପ୍ରାଣ, ଶରୀରର ଯେଉଁ ଭାଗ ସମର୍ପଣ ହେଉଥିବ ସେହି ଭାଗରେ ଅତିମାନସ ଭାଗବତୀ ଶକ୍ତି ରୂପାନ୍ତର କ୍ରିୟା କରୁଥିବ । ଯେତେବେଳେ ମନ, ପ୍ରାଣ, ଶରୀର ପୂର୍ଣ୍ଣ ରୂପେ ସମର୍ପିତ ହୋଇଯିବ, ସେତେବେଳେ ସାଧକକୁ ଆଉ କିଛି କରିବାକୁ ନ ଥିବ । ରୂପାନ୍ତର ଶେଷ କରିବେ ଅତିମାନସ ଶକ୍ତି । ରୂପାନ୍ତର ଭାଗବତୀ ଶକ୍ତି କରୁଥିବାରୁ ସାଧନା

ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମର୍ପଣ କରିବାକୁ ହେବ ଶ୍ରୀମାଙ୍କୁ । ଏହି କାରଣରୁ The Mother ବହିରେ ଅନ୍ୟ କୌଣସି ପ୍ରକାର ସାଧନାର ଉଲ୍ଲେଖ କରାହୋଇ ନାହିଁ, କେବଳ ଅଭୀପ୍ସା, ସମର୍ପଣ, ତ୍ୟାଗ ଉଲ୍ଲେଖ କରାହୋଇଅଛି, ଆଉ The Mother ବହି ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାର ଚାବି ସଦୃଶ । ଏହି ସାଧନା ଦ୍ୱାରା ସାଧକ ଅଗ୍ରସର ହେଲେ ସାଧନା ମାର୍ଗରେ ଯେଉଁ ପରିସ୍ଥିତିରେ ସାଧକକୁ ଯାହା କରିବାକୁ ହେବ ସେ ସ୍ୱଷ୍ଟ ଭାବେ ନିଃସନ୍ଦେହରେ ବୁଝି ପାରିବେ ଏବଂ ମା'ଙ୍କ ପ୍ରେରଣାରେ ସେ କରିବେ । ସାଧନାର ଆବଶ୍ୟକ ସ୍ଥିତିରେ ପହଞ୍ଚିବା ପୂର୍ବରୁ ଅଗ୍ରଗତିମାର୍ଗରେ କେଉଁ ସମୟରେ କ'ଣ କରିବାକୁ ହେବ ସେ ସବୁ ବିଷୟରେ ଜାଣିଲେ ବା ଶୁଣିଲେ ମନେ ରହିବ ନାହିଁ କିଂବା କରି ହେବ ନାହିଁ । ସାଧନା ଆରମ୍ଭରୁ ସାଧକକୁ ଶେଷ ପର୍ଯ୍ୟନ୍ତ କରିବାକୁ ହେବ ଅଭୀପ୍ସା, ସମର୍ପଣ, ପ୍ରତିକୂଳ କର୍ମ ଓ ବିଚାରର ତ୍ୟାଗ, ମା' ଏହି ନାମଜପ, ଏବଂ 'ମୁଁ ମା'ଙ୍କର, ମା' ମୋ ସଙ୍ଗରେ ରହି ସର୍ବଦା ରକ୍ଷା କରୁଅଛନ୍ତି, ରକ୍ଷା କରିବେ, ସମସ୍ତ କାର୍ଯ୍ୟରେ ପ୍ରେରଣା ଦେବେ' — ଏହି ଦୃଢ଼ ଅଟଳ ବିଶ୍ୱାସ ରଖିବାକୁ ହେବ ।